# ସତ୍ୟବାର୍ତ୍ତା

# THE VOICE OF TRUTH

Jan, Feb, Mar & April 2001

AN ORIYA BIMONTHLY BULLETIN
PUBLISHED BY THE CHURCH OF CHRIST

# THE VOICE OF TRUTH


CHURCH OF CHRIST
P.O.Box.No.80, KAKINADA,
A.P. - 533 001
✆ :-0884-363722



**Vol.6 Jan to April - 2001 (No. 1-4)**


Published every two months
in Oriya Language for the Restoration of pure
New Testament Christianity

**FREE !** **FREE!!** **FREE !!!**

**Study the Bible in the quiet of your own home. Enroll yourself in the BASIC BIBLE COURSE in Oriya language. Complete the course and obtain a copy of Oriya Holy Bible absolutely free ! Send your address today to :**

**THE DIRECTOR**
**BIBLE CORRESPONDENCE COURSE**
**P.O.BOX.NO. 80, KAKINADA - 533 001**

# ସତ୍ୟବାଣୀ

# VOICE OF TRUTH

Vol-VI KAKINADA JAN.-FEB


## ବିଶ୍ୱବ୍ୟାପ୍ତ ପରମେଶ୍ୱର

### (God is universal)

ପୃଥିବୀର କୋଣେ କୋଣେ ଧର୍ମର ପ୍ରଭାବ ରହିଅଛି । ଯଦିଓ ବିଭିନ୍ନ ଦେବଦେବୀଙ୍କୁ ମନୁଷ୍ୟ ଆରାଧନା କରେ, ତଥାପି କେତୋଟି ଆଦିମ ବିଶ୍ୱାସ ଅପରିବର୍ତ୍ତନୀୟ । ଆଦିମ କାଳରୁ ମନୁଷ୍ୟର ଆଶା ଆକାଂକ୍ଷା ଓ ଅଭିଳାଷ ଯେପରି ଅପରିବର୍ତ୍ତନୀୟ ହୋଇ ରହି ଆସୁଅଛି, ତାର ଲୌକିକ ଆସ୍ତିକ୍ୟ ଧାରଣାରେ ମଧ୍ୟ ବିଶେଷ କିଛି ପରିବର୍ତ୍ତନ ନାହିଁ । ଶାରୀରିକ ମୃତ୍ୟୁ ପରେ ମନୁଷ୍ୟର ଆତ୍ମା ପରମାତ୍ମାଙ୍କ ନିକଟକୁ ଫେରିଯାଏ ବୋଲି ପ୍ରତ୍ୟେକ ଧର୍ମାବଲମ୍ବୀ ବିଶ୍ୱାସ କରନ୍ତି । ସେହି ପରମାତ୍ମା ସର୍ବଶକ୍ତି ସମ୍ପନ୍ନ ବିଭିନ୍ନ ଧର୍ମରେ ବିଭିନ୍ନ ଭାବେ ପୂଜିତ ହୁଅନ୍ତି । ସୃଷ୍ଟି ଓ ସୃଷ୍ଟି କର୍ତ୍ତା ପ୍ରତ୍ୟେକ ଧର୍ମର ବିଷୟବସ୍ତୁ ।

**ନୂତନ ଆରାଧନା :** କୌଣସି ଏକ ନୂତନ ବିଷୟ ଉଦ୍ଭାବନ କରି ତାକୁ ଆରାଧନା କରିବା ମନୁଷ୍ୟର ସ୍ୱାଭାବିକ ପ୍ରବୃତ୍ତି । ଏହାଦ୍ୱାରା ଏକ ପୂଜନୀୟ ଗୌରବମୟ ସର୍ବଶକ୍ତିସମ୍ପନ୍ନ ଶକ୍ତିର ଅସ୍ତିତ୍ୱ ପ୍ରମାଣିତ ହୁଏ । ଜ୍ଞାନୀ ଓ ଶିକ୍ଷିତ ବ୍ୟକ୍ତିମାନେ ମତଭେଦ ତ୍ୟାଗ କରି ଏକମାତ୍ର ପରମେଶ୍ୱରଙ୍କ ଅସ୍ତିତ୍ୱ ସ୍ୱୀକାର କରନ୍ତି । ପରମେଶ୍ୱରଙ୍କ ବିଷୟରେ ଅସମ୍ପୂର୍ଣ୍ଣ ଜ୍ଞାନ ଆମ୍ଭମାନଙ୍କୁ ବିଭକ୍ତ କରେ । ତାହାଙ୍କୁ ବିଭିନ୍ନ ନାମରେ ନାମିତ କରି ସ୍ୱଇଚ୍ଛାରେ ଆରାଧନା କରି ତାହାଙ୍କୁ ସତ୍ୟଭାବେ ଆରାଧନା କରୁଅଛୁ ବୋଲି

ଦାସ୍ୟ କରି ନପାରୁ । ସର୍ବଶକ୍ତିମାନ ସୃଷ୍ଟିକର୍ତ୍ତାଙ୍କୁ ଆମ୍ଭେମାନେ ଭକ୍ତିଭାବରେ ପ୍ରେମ କଲେ, ତାହାଙ୍କ ବିଷୟକ ସତ୍ୟତାରୁ ଦୂରରେ ରହି ନପାରୁ । ଯେଉଁ ସର୍ବଶକ୍ତିମାନ ସୃଷ୍ଟିକର୍ତ୍ତା ଆପଣା ସୃଷ୍ଟି ଦ୍ୱାରା ଉପାସିତ ହେବାକୁ ଇଚ୍ଛା କରନ୍ତି, ସେ କି ଆପଣା ଇଚ୍ଛା ପ୍ରକଟିତ କରିବେ ନାହିଁ ? ସେ ନିଶ୍ଚୟ ଅନେକ ଭାବେ ଆପଣାକୁ ସ୍ପଷ୍ଟ କରି ଅଛନ୍ତି । ଆମ୍ଭେମାନେ ଆପଣା ଆପଣା ହୃଦୟ ଖୋଲିଲେ ତାହାଙ୍କ ମାର୍ଗ ବୁଝି ପାରିବା ।

ବିଶ୍ୱବ୍ୟାପ୍ତ ଆମ୍ଭମାନଙ୍କ ପରମେଶ୍ୱର ମହାନ ଅଟନ୍ତି । ତାହାଙ୍କ ମହାନତା ନିକଟରେ ମନୁଷ୍ୟ କେଡ଼େ କ୍ଷୁଦ୍ର ! ଗୌରବମୟ, ମହିମାମୟ ପରମେଶ୍ୱରଙ୍କ ମହାନତା ମନୁଷ୍ୟର ଆଲୋଚନାର ବାହାରେ । ତେଣୁ କରି ଅନେକେ ଆକାଶର ସୂର୍ଯ୍ୟ, ଚନ୍ଦ୍ର, ନକ୍ଷତ୍ର ପ୍ରଭୃତିର ଦୃଶ୍ୟ ବିଷୟ ଗୁଡ଼ିକ ଅଦୃଶ୍ୟ ପରମେଶ୍ୱରଙ୍କ ରୂପ ଦେଇ ଆରାଧନା କରନ୍ତି । ଏହି ଦେବଗଣ କୌଣସି କାର୍ଯ୍ୟ ସମ୍ପନ୍ନ କରିବାରେ ବା ଆଲୋଚନା କରିବାରେ ଅକ୍ଷମ ଅଟନ୍ତି । ଯେଉଁ ବିଷୟଗୁଡ଼ିକ ମନୁଷ୍ୟ ଠାରୁ ନ୍ୟୂନ ଅଟେ ସେଗୁଡ଼ିକ ଠାରୁ କିପରି ଜୀବନ ଉଦ୍ଭାବନ ହୋଇପାରେ । ଯେଉଁ ସୃଷ୍ଟିକର୍ତ୍ତାଙ୍କ ଦ୍ୱାରା ଏ ବିଶ୍ୱ ସୃଷ୍ଟି ହେଲା, ଆସ ତାହାଙ୍କ ଉପାସନା କରି ! "କିଏ ଆପଣା ହସ୍ତର ପୋଷରେ ଜଳରାଶି ମାପି ଅଛନ୍ତି ଓ ବିତସ୍ତି ଦ୍ୱାରା ଆକାଶ ମଣ୍ଡଳର ପରିମାପ କରି ଅଛନ୍ତି ଓ ଦ୍ରୋଣୀରେ ପୃଥିବୀର ଧୂଳିସବୁ ଭରି ଅଛନ୍ତି, ପର୍ବତଗଣକୁ ନିକ୍ତିରେ ଓ ଉପପର୍ବତଗଣକୁ ତରାଜୁରେ ତୌଲି ଅଛନ୍ତି ?" ସଦା ପ୍ରଭୁଙ୍କର ଆତ୍ମାକୁ କିଏ ଆଦେଶ ଦେଇଅଛି ଅବା ମନ୍ତ୍ରୀ ହୋଇ କିଏ ତାହାଙ୍କୁ ଶିକ୍ଷା ଦେଇଅଛି ? ସେ କାହାର ସହିତ ମନ୍ତ୍ରଣା କଲେ, କିଏ ତାହାଙ୍କୁ ଶିକ୍ଷା ଦେଲା ଓ ବିଚାରର ପଥ ତାହାଙ୍କୁ ଶିଖାଇଲା ଓ ଜ୍ଞାନ ଶିକ୍ଷା ଦେଲା ଓ ବିବେଚନାର ମାର୍ଗ ତାହାଙ୍କୁ ଦେଖାଇଲା ? ଦେଖ, ଗୋଷ୍ଠୀୟମାନେ କଳସର ଜଳବିନ୍ଦୁ ପରି ଓ ନିକ୍ତିର ଧୂଳି କଣିକା ତୁଲ୍ୟ ଗଣ୍ୟ ଅଟନ୍ତି । ଦେଖ, ସେ ଦ୍ୱୀପ ସମୂହକୁ ଅତି କ୍ଷୁଦ୍ର ଦ୍ରବ୍ୟ ତୁଲ୍ୟ ଉଠାନ୍ତି । ପୁଣି, ଲିବାନୋନ

କାଳ ପାଇଁ ଓ ତହିଁର ପଶୁଗଣ ହୋମବଳି ପାଇଁ ଯଥେଷ୍ଟ ନୁହନ୍ତି । ସର୍ବ ଦେଶୀୟମାନେ ତାହାଙ୍କ ସମ୍ମୁଖରେ ଅବସ୍ତୁ ସ୍ୱରୂପ; ସେମାନେ ତାହାଙ୍କ ନିକଟରେ ଅବସ୍ତୁରୁ ଲଘୁ ଓ ଅସାର ଗଣ୍ୟ ଅଟନ୍ତି । ତେବେ ତୁମ୍ଭେମାନେ କାହା ସଙ୍ଗେ ପରମେଶ୍ୱରଙ୍କୁ ତୁଳନା କରିବ ? ଅବା କେଉଁ ମୂର୍ତ୍ତି କି ତାହାଙ୍କ ସଦୃଶ କରିବ ? ଶିଳ୍ପକର ପ୍ରତିମା ଛାଞ୍ଚରେ ଢାଳେ ଓ ସ୍ୱର୍ଣ୍ଣକାର ସୁବର୍ଣ୍ଣରେ ତାହା ମଣ୍ଡନ କରେ, ଆଉ ତହିଁ ନିମନ୍ତେ ରୂପା ଜଞ୍ଜିର ପ୍ରସ୍ତୁତ କରେ । ଯେଉଁ ଲୋକ ଏହି ପ୍ରକାର ଉପହାର ଅତି ଦରିଦ୍ର, ସେ ଅପଚ୍ୟ କୌଣସି କାଷ୍ଠ ମନୋନୀତ କରେ, ସେ ଅଟଳ ଏକ ଖୋଦିତ ପ୍ରତିମା ନିର୍ମାଣ କରିବା ପାଇଁ ଜଣେ ନିପୁଣ ଶିଳ୍ପକର ଅନ୍ୱେଷଣ କରେ । ତୁମ୍ଭେମାନେ କି ଜାଣି ନାହଁ ? ତୁମ୍ଭେମାନେ କି ଶୁଣି ନାହଁ ? ଆଦ୍ୟକାଳରୁ କି ତୁମ୍ଭମାନଙ୍କୁ ଜ୍ଞାତ କରାଯାଇ ନାହିଁ ? ପୃଥିବୀର ପତ୍ତନ ଠାରୁ କି ତୁମ୍ଭେମାନେ ବୁଝି ନାହଁ ? ସେ ଭୂମଣ୍ଡଳର ଉପରେ ଉପବିଷ୍ଟ ଓ ତନ୍ନିବାସୀଗଣ ପତଙ୍ଗ ସ୍ୱରୂପ, ସେ ଚନ୍ଦ୍ରାତପ ତୁଲ୍ୟ ଆକାଶ ମଣ୍ଡଳ ପ୍ରସାରଇ, ପୁଣି ବସତି ନିମନ୍ତେ ତମ୍ବୁ ତୁଲ୍ୟ ତାହା ବିସ୍ତାରନ୍ତି । ..... ଏ ହେତୁ ଧର୍ମ ସ୍ୱରୂପ କହନ୍ତି, ଆମ୍ଭେ ଯାହାର ସମାନ ହୋଇ ପାରିବୁ, ଏପରି କାହା ସଙ୍ଗରେ ତୁମ୍ଭେମାନେ ଆମ୍ଭର ଉପମା ଦେବ ? ଊର୍ଦ୍ଧ୍ୱ ଦୃଷ୍ଟି କରି ଦେଖ, ଏ ସମସ୍ତଙ୍କୁ କିଏ ସୃଷ୍ଟି କରି ଅଛନ୍ତି ? ସେ ସୈନ୍ୟସମୂହର ନ୍ୟାୟ ସଂଖ୍ୟାନୁସାରେ ସେମାନଙ୍କୁ ବାହାର କରି ଆଣନ୍ତି, ସେ ସମସ୍ତଙ୍କର ନାମ ଧରି ସେମାନଙ୍କୁ ଡାକନ୍ତି, ତାହାଙ୍କ ପରାକ୍ରମର ମାହାତ୍ମ୍ୟ ଦ୍ୱାରା ଓ ସେ ଶକ୍ତିରେ ପ୍ରବଳ ହେବା ସକାଶୁ ସେମାନଙ୍କର ଗୋଟିଏ ହେଁ ଅନୁପସ୍ଥିତ ହୁଏ ନାହିଁ ।" (ଯେଶାଇୟ ୪୦ : ୧୨ . ୨୨ : ୨୫, ୨୬)

ସର୍ବଶକ୍ତିମାନ ପିତା ପରମେଶ୍ୱର କେବଳ ଏହି ଜଗତର ସୃଷ୍ଟିକର୍ତ୍ତା ନୁହନ୍ତି କିନ୍ତୁ ଏ ବିଶ୍ୱର ସୃଷ୍ଟିକର୍ତ୍ତା ଅଟନ୍ତି । ସେ "ତୁମ୍ଭର" ଓ "ଆମର" ଓ ପ୍ରତ୍ୟେକର ପ୍ରଭୁ ଅଟନ୍ତି । ସର୍ବଶକ୍ତିମାନ ପରମେଶ୍ୱର ପ୍ରତ୍ୟେକ ଜାତିର, ପ୍ରତ୍ୟେକ ଗୋଷ୍ଠୀର, ପ୍ରତ୍ୟେକ

ଦେଶର ପ୍ରଭୁ ଅଟନ୍ତି । ଆସ ଆମ୍ଭେମାନେ ସେହି ମହାନ ପରମେଶ୍ୱରଙ୍କ ଉପାସନା କରୁ । ପରମେଶ୍ୱର ଆମ୍ଭମାନଙ୍କ ଠାରୁ ସ୍ୱଇଚ୍ଛାଧୀନ ଉପାସନା ଆଶା କରନ୍ତି, ବାଧ୍ୟବାଧକତାର ନୁହେଁ । ତାହାଙ୍କ ଇଚ୍ଛାକୃତ ଆରାଧନା ତାହାଙ୍କ ଗ୍ରାହ୍ୟ ଯୋଗ୍ୟ । ଜାଗତିକ ରାଜା ମହାରାଜାଙ୍କୁ ଯଥାମାନ୍ୟ ଅର୍ପଣ କଲା ବେଳେ, ସ୍ୱର୍ଗସ୍ଥ ମହାରାଜାଙ୍କୁ ଆଉ କେତେ ଅଧିକ ମାନ୍ୟ କରିବା ଆବଶ୍ୟକ ? ସେ ଆମ୍ଭମାନଙ୍କ ଠାରୁ କଅଣ ଆଶା କରିବେ, ତାହା ସେ ଆପଣା ପୁସ୍ତକରେ ବ୍ୟକ୍ତ କରି ଅଛନ୍ତି । ଆସ ଆମ୍ଭେମାନେ ସେଗୁଡ଼ିକ ଅନ୍ୱେଷଣ କରି ତାହାଙ୍କ ଇଚ୍ଛାକୃତ ଉପାସନା ଅର୍ପଣ କରୁ ।

"ମୁଁ ଭ୍ରମଣ କରିବା ସମୟରେ ଆପଣମାନଙ୍କର ପୂଜ୍ୟ ବସ୍ତୁ ସମସ୍ତ ଦେଖୁ ଦେଖୁ ଗୋଟିଏ ବେଦି ମଧ୍ୟ ଦେଖିଲି, ଯାହା ଉପରେ ଏହି କଥା ଲେଖା ହୋଇଅଛି; ଅଜ୍ଞାତ ଦେବତାଙ୍କ ଉଦ୍ଦେଶ୍ୟରେ । ଅତଏବ ଆପଣମାନେ ନ ଜାଣି ଯାହାଙ୍କର ପୂଜା କରୁଅଛନ୍ତି, ମୁଁ ତାଙ୍କୁ ଆପଣମାନଙ୍କ ନିକଟରେ ପ୍ରଚାର କରୁଅଛି । ଯେଉଁ ଈଶ୍ୱର ଜଗତ ଓ ତନ୍ମଧ୍ୟସ୍ଥ ସମସ୍ତ ପଦାର୍ଥ ସୃଷ୍ଟି କରି ଅଛନ୍ତି, ସେ ସ୍ୱର୍ଗ ଓ ପୃଥିବୀର ପ୍ରଭୁ ହେବାରୁ ହସ୍ତନିର୍ମିତ ମନ୍ଦିର ସମୂହରେ ବାସ କରନ୍ତି ନାହିଁ । କିଅବା ତାହାଙ୍କର କୌଣସି ଅଭାବ ଥିବାରୁ ମନୁଷ୍ୟ ହସ୍ତ ଦ୍ୱାରା ସେବିତ ହୁଅନ୍ତି ନାହିଁ । ଯେଣୁ ସେ ସ୍ୱୟଂ ସମସ୍ତଙ୍କୁ ଜୀବନ, ନିଶ୍ୱାସ ଓ ସମସ୍ତ ପଦାର୍ଥ ଦାନ କରନ୍ତି । ଆଉ, ସେ ପୃଥିବୀର ସର୍ବତ୍ର ବାସ କରିବା ନିମନ୍ତେ ଏକ ବ୍ୟକ୍ତିଠାରୁ ସମସ୍ତ ମାନବ ଜାତି ସୃଷ୍ଟି କରିଅଛନ୍ତି । ସେ ସ୍ୱର୍ଗ ଓ ପୃଥିବୀର ପ୍ରଭୁ ହେବାରୁ ହସ୍ତନିର୍ମିତ ମନ୍ଦିର ସମୂହରେ ବାସ କରନ୍ତି ନାହିଁ । କିଅବା ତାହାଙ୍କର କୌଣସି ଅଭାବ ଥିବାରୁ ମନୁଷ୍ୟ ହସ୍ତ ଦ୍ୱାରା ସେବିତ ହୁଅନ୍ତି ନାହିଁ । ଯେଣୁ ସେ ସ୍ୱୟଂ ସମସ୍ତଙ୍କୁ ଜୀବନ, ନିଶ୍ୱାସ ଓ ସମସ୍ତ ପଦାର୍ଥ ଦାନ କରନ୍ତି । ଆଉ, ସେ ପୃଥିବୀର ସର୍ବତ୍ର ବାସ କରିବା ନିମନ୍ତେ ଏକ ବ୍ୟକ୍ତିଠାରୁ ସମସ୍ତ ମାନବ ଜାତି ସୃଷ୍ଟି କରିଅଛନ୍ତି ଯଦ୍ୟପି ସେ ଆମ୍ଭମାନଙ୍କର କାହାରିଠାରୁ ଦୂରରେ ନାହାନ୍ତି ।

କାରଣ ତାହାଙ୍କଠାରେ ଆମ୍ଭମାନଙ୍କର ଅସ୍ତି, ଗତି ଓ ସ୍ଥିତି, ଯେପରି ଆପଣମାନଙ୍କର ନିଜ କବିମାନଙ୍କ ମଧ୍ୟରୁ ସୁଦ୍ଧା କେତେକ କହିଅଛନ୍ତି "କାରଣ ଆମ୍ଭେମାନେ ମଧ୍ୟ ତାଙ୍କ ବଂଶ" । ତେବେ ଆମ୍ଭେମାନେ ଈଶ୍ୱରଙ୍କର ବଂଶ ହେବାରୁ ଈଶ୍ୱରଙ୍କ ସ୍ୱରୂପକୁ ମନୁଷ୍ୟର ଶିଳ୍ପ ଓ କଳ୍ପନା ଅନୁସାରେ ଖୋଦିତ ସ୍ୱର୍ଣ୍ଣ କି ରୌପ୍ୟ କି ପ୍ରସ୍ତର ତୁଲ୍ୟ ଜ୍ଞାନ କରିବା ଆମ୍ଭମାନଙ୍କର ଉଚିତ ନୁହେଁ । ଈଶ୍ୱର ସେହି ଅଜ୍ଞାନତାର ଉପେକ୍ଷା କରିଅଛନ୍ତି ସତ୍ୟ କିନ୍ତୁ ସେ ସର୍ବସ୍ଥ ସମସ୍ତ ମନୁଷ୍ୟଙ୍କୁ ମନପରିବର୍ତ୍ତନ କରିବା ନିମନ୍ତେ ଜଣାନ୍ତି । କାରଣ ଯେଉଁଦିନ ସେ ଆପଣା ନିରୂପିତ ବ୍ୟକ୍ତିଙ୍କ ଦ୍ୱାରା ଧାର୍ମିକତାରେ ଜଗତର ବିଚାର କରିବେ ଏହିପରି ଗୋଟିଏ ଦିନ ସ୍ଥିର କରିଅଛନ୍ତି । ଆଉ ତାହାଙ୍କୁ ମୃତମାନଙ୍କ ମଧ୍ୟରୁ ଉତ୍ଥାପନ କରି ଏହି ବିଷୟରେ ସମସ୍ତଙ୍କ ନିକଟରେ ପ୍ରମାଣ ଦେଇଅଛନ୍ତି । (ପ୍ରେରିତ ୧୭.୨୨-୩୧) ।

ଆମ୍ଭମାନଙ୍କ ଅନ୍ତରଆତ୍ମା ଏସବୁ ସତ୍ୟ ବୋଲି ସାକ୍ଷ୍ୟ ଦିଏ । ଆତ୍ମାଙ୍କ ଦାତା ନିକଟକୁ ଆମ୍ଭମାନଙ୍କ ଆତ୍ମା ଫେରିଯିବା ନିମନ୍ତେ ଆର୍ତ୍ତନାଦ କରେ । ନାସ୍ତିକ ତଥା ଅବିଶ୍ୱାସୀର ଆତ୍ମା ମଧ୍ୟ ମରଣ କାଳେ ପରମେଶ୍ୱରଙ୍କ ଉପରେ ଉପସ୍ଥିତ ହୁଏ । ପରମେଶ୍ୱରଙ୍କ ବିଚାରରେ ସମ୍ମୁଖୀନ ହେବା ପୂର୍ବରୁ ଆପଣ ୨ କୁ ପ୍ରସ୍ତୁତ କରୁ । ଆସ ଆମ୍ଭେମାନେ ଆପଣା ଜୀବନକାଳରେ ତାହାଙ୍କ ଇଚ୍ଛା କଅଣ ଜ୍ଞାତ ହୋଇ ଅଙ୍ଗୀକାର ହେଉଁ ଓ ତାହାଙ୍କ ଦତ୍ତ ଆଶୀଷ ସକଳ ପ୍ରାପ୍ତ ହେଉଁ ।

J. C. Choate

***

## ଯୀଶୁ, ଆମ୍ଭମାନଙ୍କ ଜୀବନ ପ୍ରଜ୍ୱଳିତ କରନ୍ତି
## (Jesus Illuminates Life)

ଆଲୋକର ପର୍ବ ଅର୍ଥାତ୍ କୁଟୀର ପର୍ବ ପାଳନ କରିବା ନିମନ୍ତେ ଥରେ ଯୀଶୁଖ୍ରୀଷ୍ଟ, ଯିରୁଶାଲମ୍ ଆସିଥିଲେ । ପୂର୍ବପୁରୁଷମାନେ ପ୍ରାନ୍ତରରେ ଭ୍ରମଣ କରିବା ସମୟରେ ସଦାପ୍ରଭୁଙ୍କ ହସ୍ତ ସେମାନଙ୍କ ସହବର୍ତ୍ତୀ ହେବାର ସ୍ମରଣାର୍ଥେ ଏହି ପର୍ବ ଜାତିବର୍ଗ ଇସ୍ରାଏଲ ମାନେ ପାଳନ କରୁଥିଲେ । ମନ୍ଦିର ପ୍ରାଙ୍ଗଣରେ ଥିବା ଏକ ବୃହତ ଦୀପ ସ୍ତମ୍ଭରେ ଆଲୋକ ପ୍ରଜ୍ୱଳିତ କରିବା ଏହି ପର୍ବର ବିଶିଷ୍ଟତା । ଏଥି ନିମନ୍ତେ ଯୀଶୁପ୍ରଭୁ "ମୁଁ ଜଗତର ଜ୍ୟୋତି" ଏବଂ ସେହି ଜ୍ୟୋତିରେ ବିଶ୍ୱାସକାରୀ ମାନେ କେହି ଅନ୍ଧକାରରେ ବାସ କରିବେ ନାହିଁ ବୋଲି କହିଥିଲେ । ଜଗତର ଜ୍ୟୋତି ଆମ୍ଭମାନଙ୍କ ଜୀବନ କିପରି ପ୍ରଜ୍ୱଳିତ କରନ୍ତି ?

### ଆଲୋକରେ କୌଣସି ବିଷୟ ଗୁପ୍ତ ନଥାଏ :—

ଯୀଶୁଙ୍କ ଆଲୋକରେ ଆମ୍ଭମାନଙ୍କ ଜୀବନର ବାସ୍ତବତା ପ୍ରକାଶିତ ହୁଏ । ଯୀଶୁଖ୍ରୀଷ୍ଟ ବାକ୍ୟ ଅଟନ୍ତି, ସତ୍ୟ ଅଟନ୍ତି, ଧାର୍ମିକତାର ଆଦର୍ଶମୂର୍ତ୍ତି ଅଟନ୍ତି । ସେହି ଆଲୋକ ନିକଟରେ ଆସିଲେ ଆମ୍ଭେମାନେ ଆମ୍ଭମାନଙ୍କ ପାପମୟ ଜୀବନର, ଅଧାର୍ମିକତା, ଅସତ୍ୟତା, ଅପବିତ୍ରତାର ପ୍ରକୃତରୂପ ଜାଣି ପାରିବା । ପାଉଲଙ୍କ ଅନୁଯାୟୀ ଆମ୍ଭେମାନେ ତାହାଙ୍କ ଗୌରବରେ ଆପଣା ମାନଙ୍କୁ ତାହାଙ୍କ ପ୍ରତିରୂପରେ ପରିବର୍ତ୍ତିତ କରି ଥାଉଁ । ଆମ୍ଭମାନଙ୍କ ଅନାବୃତ ମୁଖ ଗୌରବ ପ୍ରତିଫଳିତ କରେ । ତାହାଙ୍କ ଠାରୁ ଆହୃତ ଗୌରବ ଆମ୍ଭମାନଙ୍କ ଜୀବନ ପରିବର୍ତ୍ତିତ କରେ । ସ୍ୱାଧୀନତାର ବ୍ୟବସ୍ଥା ପ୍ରତି ନିରୀକ୍ଷଣ କରିବାର ଅର୍ଥ ଆଲୋକରେ ଆପଣା ମୁଖ ନିରୀକ୍ଷଣ କରିବା ବୋଲି ଯାକୁବଙ୍କ ଲେଖାରୁ ସୁସ୍ପଷ୍ଟ କରେ । ଆସ, ଆମ୍ଭେମାନେ ସେହି ଆଲୋକ ସହିତ ଆପଣା ଆପଣାର ତୁଳନା କରୁ ।

## ଯୀଶୁ, ଈଶ୍ୱରଙ୍କ ନିକଟରେ ଆଲୋକର ପଥ :—

" ମୁଁ ପଥ, ସତ୍ୟ ଓ ଜୀବନ; ମୋ ଦେଇ ନ ଗଲେ କେହି ପିତାଙ୍କ ନିକଟକୁ ଯାଏ ନାହିଁ । ଯଦି ତୁମ୍ଭେମାନେ ମୋତେ ଜାଣି ଥାଆନ୍ତ, ତାହା ହେଲେ ଓ ମୋହର ପିତାଙ୍କୁ ମଧ୍ୟ ଜାଣିଥାଆନ୍ତ, ଏବେ ହେଁ ତାହାଙ୍କୁ ଜାଣୁଅଛ ଓ ତାହାଙ୍କୁ ଦେଖିଅଛ । "(ଯୋହନ ୧୪:୬-୭) ଯୀଶୁଖ୍ରୀଷ୍ଟଙ୍କ ବ୍ୟତିତ ପିତା ପରମେଶ୍ୱରଙ୍କ ନିକଟକୁ ଆଉ କୌଣସି ପଥ ନାହିଁ । ପିତା ପରମେଶ୍ୱର ମନୁଷ୍ୟ ଜାତି ଓ ତାହାଙ୍କ ମଧ୍ୟରେ ଆପଣା ଏକମାତ୍ର ପୁତ୍ରଙ୍କୁ ମଧ୍ୟସ୍ଥ ରୂପେ ମନୋନିତ କରିଅଛନ୍ତି । ବାକ୍ୟ କହେ, "ତାହାଙ୍କ ଛଡ଼ା ଆଉ କାହାଠାରେ ପରିତ୍ରାଣ ନାହିଁ । କାରଣ ଯାହା ଦ୍ୱାରା ଆମ୍ଭମାନଙ୍କୁ ପରିତ୍ରାଣ ପାଇବାକୁ ହେବ । ଆକାଶ ତଳେ ମନୁଷ୍ୟ ମାନଙ୍କ ମଧ୍ୟରେ ଆଉ କୌଣସି ନାମ ଦିଆ ଯାଇ ନାହିଁ । "(ପ୍ରେରିତ ୪:୧୨) ଯିହୁଦୀ ଓ ଅଣଯିହୁଦୀ ମାନେ ସେପରି ଅନ୍ଧକାରରୁ ଆଲୋକ ପ୍ରତି ଓ ଶୟତାନର ଶକ୍ତିରୁ ଈଶ୍ୱରଙ୍କ ପ୍ରତି ଫେରନ୍ତି । ସେଥିନିମନ୍ତେ ପାଉଲ ମନୋନୀତ ହୋଇଥିଲେ ବୋଲି ଆଗ୍ରିପ୍ପାଙ୍କ ସହିତ ପାଉଲଙ୍କ କଥୋପକଥନରୁ ସୁସ୍ପଷ୍ଟ ହୁଏ । (ପ୍ରେରିତ ୨୬:୧୭)

## କଷ୍ଟମୟ ପଥ ଯୀଶୁ ଉଜ୍ଜ୍ୱଳିତ କରନ୍ତି :—

ଦୁଃଖ, କଷ୍ଟ, କ୍ଳେଶ ରହିତ ଜୀବନ ଆମ୍ଭମାନଙ୍କ ନିମନ୍ତେ ପ୍ରତିଜ୍ଞାତ ହୋଇ ନାହିଁ । କିନ୍ତୁ ଦୁଃଖ, କଷ୍ଟ, କ୍ଳେଶ ଯୁକ୍ତ ଏହି ଜୀବନରେ ସେ ଆମ୍ଭମାନଙ୍କ ସହାୟକ ଓ ପଥ ପ୍ରଦର୍ଶକ ଅଟନ୍ତି । ତେଣୁକରି ଦାଉଦ ଗାଆନ୍ତି, "ସଦାପ୍ରଭୁ ମୋହର ପଥ ପାଳକ" ଓ "ତୁମ୍ଭ ବାକ୍ୟ ମୋ ଚରଣ ପାଇଁ ପ୍ରଦୀପ ଓ ମୋ ପଥ ପାଇଁ ଆଲୁଅ ଅଟେ ।" ( ଗୀତ ୨୩:୧, ୧୧୯:୧୦୫ । ଦୁଇ ପ୍ରକାର ଭାବ ଯୀଶୁ ଆମ୍ଭମାନଙ୍କ ପଥ ଉଜ୍ଜ୍ୱଳିତ କରନ୍ତି । ୧) ସେ ଏହି କଷ୍ଟକର ଜୀବନ ପଥରେ ଆମ୍ଭେମାନଙ୍କ ପୂର୍ବରୁ ଶରୀରଧାରୀ ହୋଇ

ଗମନ କର ଥିଲେ । ୨) ଆମ୍ଭମାନଙ୍କ ସହ ପଥିକ ହୋଇ ଆମ୍ଭମାନଙ୍କୁ ସାହାଯ୍ୟ କରନ୍ତି । "    ଆଉ ଦେଖ, ଯୁଗାନ୍ତ ପର୍ଯ୍ୟନ୍ତ ସଦା ସର୍ବଦା ମୁଁ ତୁମ୍ଭମାନଙ୍କ ସଙ୍ଗେ ୨ ଅଛି ‥ "ଆମ୍ଭେ ତୁମ୍ଭକୁ କେବେ ହେଁ ଛାଡ଼ିବା ନାହିଁ । ଆମ୍ଭେ ତୁମ୍ଭକୁ କେବେହେଁ ପରିତ୍ୟାଗ କରିବା ନାହିଁ" ।

## ଆଲୋକ ବୃଦ୍ଧି ସାଧନ କରେ :—

ଆଲୋକର ଅନୁପସ୍ଥିତିରେ ବୃଦ୍ଧି ଅସମ୍ଭବ । ଆପଣଙ୍କର ଉଦ୍ୟାନର ବୃକ୍ଷଲତା ଏହା ସୁପ୍ରମାଣ କରେ । ଦୃଢ଼ ବିଶ୍ୱାସ, ଭରସା, ଆତ୍ମିକତାର ଅଭିବୃଦ୍ଧି କେବଳ ଖ୍ରୀଷ୍ଟଙ୍କ ବାକ୍ୟରୂପ ଆଲୋକ ଦ୍ୱାରା ସମ୍ଭବପର । "ତାହାଙ୍କ ଠାରେ ଜୀବନ ଥିଲା, ଓ ସେହି ଜୀବନ ମନୁଷ୍ୟମାନଙ୍କ ଜ୍ୟୋତିଃ" ( ଯୋହନ ୧:୪ ) ।ଯେ ବାକ୍ୟରେ ବୃଦ୍ଧି ନପାଏ, ସେ ଦୁର୍ବଳ ଦୁଗ୍ଧପାୟୀ ଶିଶୁ ମାନେ ଗୁରୁପାକ ଭୋଜନ କରିବାରେ ଅକ୍ଷମ ବୋଲି ଏବ୍ରୀ ପୁସ୍ତକ କର୍ତ୍ତା (୫:୧୧-୧୪ ପଦ ଗୁଡ଼ିକରେ ଆମ୍ଭମାନଙ୍କୁ ଜଣାନ୍ତି ।

## ଆଲୋକ ପ୍ରତିଫଳନ କରେ :—

ଯୀଶୁଙ୍କଦ୍ୱାରା ଉଜ୍ଜ୍ୱଳିତ ମନୁଷ୍ୟମାନଙ୍କ ଉତ୍ତମ କର୍ମ, ଦ୍ୱାରା ସ୍ୱର୍ଗସ୍ଥ ପିତା ମହିମାନ୍ୱିତ ହୁଅନ୍ତି । ମନୁଷ୍ୟ ନିଜେ ଆଲୋକ ନୁହେଁ କିନ୍ତୁ କେବଳ ଯୀଶୁଖ୍ରୀଷ୍ଟଙ୍କ ପ୍ରତିବିମ୍ବ । ଫିଲିପିସ୍ଥ ମଣ୍ଡଳୀକୁ ପ୍ରେରିତ ପାଉଲ କହନ୍ତି । "ସେମାନଙ୍କ ମଧ୍ୟରେ ତୁମ୍ଭେମାନେ ଜୀବନର ବାକ୍ୟ ଧରି ଜଗତରେ ଜ୍ୟୋତିସ୍ୱରୂପ ପ୍ରକାଶ ପାଉଅଛ ।" ( ଫିଲିପି ୨.୫ ) ।

## ଆଲୋକ ପରିମିତ :—

ଯୀଶୁଖ୍ରୀଷ୍ଟଙ୍କ ଇଚ୍ଛା ପାଳନ ନ କରି ଆମ୍ଭେମାନେ ଆପଣା ସ୍ୱଇଚ୍ଛା ପାଳନ କରିବା ଦ୍ୱାରା ଆମ୍ଭେମାନେ ତାହାଙ୍କ ପରେ ପ୍ରତିବିମ୍ବ

ଆତ୍ମାରେ ସୀମିତ କରଥାଉଁ । ଯେଉଁମାନେ ଉତ୍ତମ କାର୍ଯ୍ୟ, ଜ୍ଞାନଧ୍ୟାନ, ପ୍ରାର୍ଥନା, ବିଶ୍ୱାସ, ଶ୍ରଦ୍ଧାଦାନ, ସୁସମାଚାର ପ୍ରଚାର ନିୟମିତ ଭାବେ କରଥାନ୍ତି ସେମାନଙ୍କ ଜୀବନ ଦ୍ୱାରା ଯୀଶୁଖ୍ରୀଷ୍ଟ ସମ୍ପୂର୍ଣ୍ଣ ରୂପେ ପ୍ରତିବିମ୍ବିତ ହୁଅନ୍ତି ନାହିଁ । ଅନ୍ଧକାର ଆସୁଅଛି, ଯେଉଁ ଅନ୍ଧକାରରେ ମନୁଷ୍ୟ କାର୍ଯ୍ୟ କରିପାରେ ନାହିଁ, ମୃତ୍ୟୁ ଆମ୍ଭମାନଙ୍କ ଜୀବନର ଆଲୋକ ସୀମିତ କରେ । ଆସ, ଆମ୍ଭେମାନେ ଆଲୋକ ଥାଉଁ ଥାଉଁ ଆଲୋକର କାର୍ଯ୍ୟ କରୁ । ଆଜି ଆଲୋକର ଦିବସ ଓ ପରିତ୍ରାଣର ଶୁଭଦିନ ।

## ଆଲୋକ ପାପ କ୍ଷମା ଦିଏ :

"ସେ ଯେପରି ଜ୍ୟୋତିନିବାସୀ, ଆମ୍ଭେମାନେ ଯଦି ସେହିପରି ଜ୍ୟୋତିରେ ଆଚରଣ କରୁଁ, ତେବେ ଆମ୍ଭମାନଙ୍କର ପରସ୍ପର ସହଭାଗିତା ଅଛି । ପୁଣି ତାହାଙ୍କ ପୁତ୍ର ଯୀଶୁଙ୍କ ରକ୍ତ ସମସ୍ତ ପାପରୁ ଆମ୍ଭମାନଙ୍କୁ ପରିଷ୍କାର କରେ ।" (୧ମ ଯୋହନ ୧-୭) । ଆପଣ କି ତାହା ଲୋଡନ୍ତି ? ଆସ ଆମ୍ଭେମାନେ ଯୀଶୁଖ୍ରୀଷ୍ଟଙ୍କୁ ଆମ୍ଭମାନଙ୍କ ଜୀବନ ଉଜ୍ଜ୍ୱଳିତ କରିବା ନିମନ୍ତେ ତାହାଙ୍କ ନିକଟବର୍ତ୍ତୀ ହେଉଁ !

—**Randall Caselman**

—୦—

## ଖ୍ରୀଷ୍ଟିୟାନର ତିନୋଟି ଚିହ୍ନ

## ( Three marks of a Christian )

ଯିହୁଦା ଆପଣା ପତ୍ର ଏହି ବାକ୍ୟ ଦ୍ୱାରା ଆରମ୍ଭ କରନ୍ତି । "ଯିହୁଦା, ଯୀଶୁଖ୍ରୀଷ୍ଟଙ୍କ ଜଣେ ଦାସ ଓ ଯାକୁବଙ୍କ ଭ୍ରାତା, ଯେଉଁମାନେ ଆହୁତ ଓ ପିତା ଈଶ୍ୱରଙ୍କ ପ୍ରିୟପାତ୍ର, ପୁଣି ଯୀଶୁଖ୍ରୀଷ୍ଟଙ୍କ ନିମନ୍ତେ ସୁରକ୍ଷିତ, ସେମାନଙ୍କ ନିକଟକୁ ପତ୍ର ଲେଖିଅଛି ।" ବିଶ୍ୱସ୍ତ ଖ୍ରୀଷ୍ଟିୟାନ ଯିହୁଦା, ଈଶ୍ୱରଙ୍କ ସନ୍ତାନ ଅନ୍ୟ ଖ୍ରୀଷ୍ଟିୟାନମାନଙ୍କୁ

ଏକ ପକ୍ଷ ଲେଖନ୍ତି । ଖ୍ରୀଷ୍ଟିୟାନମାନଙ୍କୁ ସେ ଅଦ୍ଭୁତ, ଈଶ୍ୱରଙ୍କ ପ୍ରିୟପାତ୍ର ଓ ସୁରକ୍ଷିତ ରୂପେ ଚିତ୍ରିତ କରନ୍ତି । ପ୍ରକୃତରେ ଏହାହିଁ ଖ୍ରୀଷ୍ଟିୟାନର ପ୍ରକୃତ ସ୍ୱରୂପ ।

ମାଥିଉ ୨୨ : ୧୪ ପଦରେ ଯୀଶୁଖ୍ରୀଷ୍ଟ କହନ୍ତି, "କାରଣ ଅନେକ ଆହୂତ, କିନ୍ତୁ ଅଳ୍ପ ମନୋନୀତ ।" ସର୍ବଶକ୍ତିମାନ, ସର୍ବଜ୍ଞାନ ପରମେଶ୍ୱର ଜଗତର ପତ୍ତନ ପୂର୍ବେ ସମସ୍ତ ମାନବର କଲ୍ୟାଣ ନିମନ୍ତେ ପରିତ୍ରାଣର ଯୋଜନା କରିଥିଲେ । ବାକ୍ୟ କହେ, "କାରଣ ସମସ୍ତ ମାନବର ପରିତ୍ରାଣ ନିମନ୍ତେ ଈଶ୍ୱରଙ୍କ ଅନୁଗ୍ରହ ପ୍ରକାଶିତ ହୋଇଅଛି ।" (ତିତସ ୨ : ୧୧) । କିନ୍ତୁ ଏହି ପରିତ୍ରାଣର ଲାଭ କେବଳ ଅଳ୍ପ କେତେକ ପ୍ରାପ୍ତ ହୁଅନ୍ତି । (ମାଥିଉ ୭ : ୧୩-୧୪) । ଖ୍ରୀଷ୍ଟିୟାନ ସୁସମାଚାରର ଆଜ୍ଞାବହ ହେବା ସଙ୍ଗେ ସଙ୍ଗେ ଆଜୀବନ ଈଶ୍ୱରଙ୍କ ବାକ୍ୟ ପାଳନରେ ସତ୍ୱର ଥାଏ । "ଆଉ ବାକ୍ୟ କି କାର୍ଯ୍ୟରେ ତୁମ୍ଭେମାନେ ଯାହା କିଛି କର, ସେ ସମସ୍ତ ପ୍ରଭୁ ଯୀଶୁଙ୍କ ନାମରେ କରି ତାହାଙ୍କ ଦ୍ୱାରା ପିତା ଈଶ୍ୱରଙ୍କୁ ଧନ୍ୟବାଦ ଦିଅ ।" ଖ୍ରୀଷ୍ଟିୟାନ ସାଧୁତାର ଜୀବନ ଯାପନ କରିବା ନିମନ୍ତେ ଆହୂତ ହୋଇ ଅଛନ୍ତି । ଖ୍ରୀଷ୍ଟିୟାନ ଜୀବନ ଖ୍ରୀଷ୍ଟଙ୍କ କାର୍ଯ୍ୟ ସମ୍ପନ୍ନ କରିବା ଖ୍ରୀଷ୍ଟୀୟ ପରିବାରର ପ୍ରତ୍ୟେକ ସଭ୍ୟର ସୌଭାଗ୍ୟ । ଖ୍ରୀଷ୍ଟୀୟ ଜୀବନର ନିମନ୍ତେ ନିରୂପିତ ନିୟମାବଳୀ ସମ୍ପୂର୍ଣ୍ଣ ଭାବେ ପାଳନ କରିବା ଦ୍ୱାରା ହିଁ ଖ୍ରୀଷ୍ଟିୟାନ ହେବାର ପ୍ରକୃତ ଫଳାଫଳ । ଖ୍ରୀଷ୍ଟିୟାନ ଜୀବନ ଏକ ଉଦ୍ଦେଶ୍ୟପୂର୍ଣ୍ଣ ଓ ଫଳପ୍ରଦ ଜୀବନ ଅଟେ ।

ଈଶ୍ୱରଙ୍କ ପ୍ରିୟପାତ୍ର ଖ୍ରୀଷ୍ଟିୟାନମାନେ ଆପଣା ଆପଣା ପାପରୁ ମୁକ୍ତ ଓ କ୍ଷମାପ୍ରାପ୍ତ । ଈଶ୍ୱର, ଆଜ୍ଞାବହମାନଙ୍କ ନିମନ୍ତେ ଜୀବନ ରୂପ ମୁକୁଟ ସାଇତି ରଖି ଅଛନ୍ତି । ଖ୍ରୀଷ୍ଟିୟାନମାନେ ପାପପୂର୍ଣ୍ଣ, ବିନାଶ ପଥର ପଥିକ । ସେମାନଙ୍କ ପାପ, ଈଶ୍ୱରଙ୍କ ମେଷଶାବକ ଯୀଶୁଖ୍ରୀଷ୍ଟଙ୍କ ରକ୍ତଦ୍ୱାରା ଶୁଚି କୃତ ହୋଇନାହିଁ । (ଏବ୍ରୀ ୯ : ୨୧) । " ଯେ ଆମ୍ଭମାନଙ୍କୁ ପ୍ରେମ କରି ଆପଣା ରକ୍ତ ଦ୍ୱାରା ଆମ୍ଭମାନଙ୍କୁ ଆମ୍ଭମାନଙ୍କ ପାପରୁ ମୁକ୍ତ କରି ଅଛନ୍ତି ।"

(ପ୍ରକାଶିତ ୧ : ୫) ତାହାଙ୍କ ଠାରେ ଆମ୍ଭେମାନେ ସଦା ଋଣୀ । ଆମ୍ଭେମାନେ ଯଦି ଜ୍ୟୋତିରେ ଆଚରଣ କରୁ, ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ରକ୍ତ ସମସ୍ତପାପରୁ ଆମ୍ଭମାନଙ୍କୁ ପରିଷ୍କାର କରେ । (୧ମ ଯୋହନ ୧:୭) ଖ୍ରୀଷ୍ଟଙ୍କ ରକ୍ତଦ୍ୱାରା ଶୁଚୀକୃତ ଖ୍ରୀଷ୍ଟିୟାନଙ୍କ ଜୀବନ ଈଶ୍ୱରଙ୍କ ଦୃଷ୍ଟିରେ ଶୁଦ୍ଧ ଓ ପବିତ୍ର ଅଟେ । ଶୁଦ୍ଧ, ପବିତ୍ର, ସାଧୁ ଖ୍ରୀଷ୍ଟିୟାନମାନଙ୍କ ନିମନ୍ତେ ସ୍ୱର୍ଗୀୟ ଅଧିକାର ସଞ୍ଚିତ ହୋଇଅଛି । (ପ୍ରେରିତ ୨୦:୨୨) କେଉଁମାନେ ଶୁଦ୍ଧ ଓ ପବିତ୍ର ଅଟନ୍ତି ? ଯେଉଁମାନେ ବାପ୍ତିଜିତ ହୋଇ ଯୀଶୁଖ୍ରୀଷ୍ଟଙ୍କ ରକ୍ତଦ୍ୱାରା ଆପଣା ଆପଣାକୁ ପାପମୁକ୍ତ କରି ଖ୍ରୀଷ୍ଟଙ୍କ ଆଜ୍ଞାବହ ହୋଇଅଛନ୍ତି । (ଏଫିସୀ ୫ : ୨୬) । ଯେଉଁମାନେ ଜୀବିତ ଈଶ୍ୱରଙ୍କ ସେବା କରିବା ନିମନ୍ତେ ମୃତ କର୍ମରୁ ଶୁଚି ହୋଇ ଈଶ୍ୱରଙ୍କ ଆଜ୍ଞାବହ ହେବା ନିମନ୍ତେ ଆପଣା ଆପଣାକୁ ସମର୍ପିତ କରି ଅଛନ୍ତି । (ଏବ୍ରୀ ୯ : ୧୩-୧୪) । ଏହିପରି ଖ୍ରୀଷ୍ଟିୟାନମାନେ ଚିରକାଳ ପାଇଁ ସିଦ୍ଧ ବୋଲି ଆମ୍ଭେମାନେ ଏବ୍ରୀ ୧୦ : ୧୪ ପଦରେ ପଢ଼ୁ ପାରୁ । ବାପ୍ତିଜିତ ହୋଇଥିବା ପ୍ରତ୍ୟେକ ଖ୍ରୀଷ୍ଟିୟାନ ଖ୍ରୀଷ୍ଟଙ୍କ ରକ୍ତଦ୍ୱାରା ଶୁଚିକୃତ, ପବିତ୍ର ଓ ଈଶ୍ୱରଙ୍କ ପ୍ରିୟପାତ୍ର ।

ତୃତୀୟରେ ଖ୍ରୀଷ୍ଟିୟାନ ଈଶ୍ୱରଙ୍କ ଡେଣାର ଛାୟା ତଳେ ସୁରକ୍ଷିତ । "ମନ୍ଦରୁ ଆମ୍ଭମାନଙ୍କ ରକ୍ଷା କର" ସାଧୁମାନଙ୍କ ଏହି ପ୍ରାର୍ଥନାରେ ପରମେଶ୍ୱର ମନୋଯୋଗ କରନ୍ତି । ୨ୟ ବିବରଣ ୩୩ : ୨୭ ପଦରେ ଆମ୍ଭମାନଙ୍କ ନିମନ୍ତେ ଏକ ସାନ୍ତ୍ୱନାର ବାକ୍ୟ ପଢ଼ିପାରୁ । ବାକ୍ୟ କହେ, "ଅନାଦି ପରମେଶ୍ୱର ତୁମ୍ଭର ବାସସ୍ଥାନ ତଳେ ତାହାଙ୍କର ଅନନ୍ତକାଳସ୍ଥାୟୀ ବାହୁ ଅଛି " ପାଉଲ ଥେସଲନୀକୀ ମଣ୍ଡଳୀକୁ କହନ୍ତି, "ଶାନ୍ତିଦାତା ଈଶ୍ୱର ସ୍ୱୟଂ ତୁମ୍ଭମାନଙ୍କୁ ସମ୍ପୂର୍ଣ୍ଣରୂପେ ପବିତ୍ର କରନ୍ତୁ, ପୁଣି ଆମ୍ଭମାନଙ୍କ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ଆଗମନ ନିମନ୍ତେ ତୁମ୍ଭମାନଙ୍କ ଆତ୍ମା, ପ୍ରାଣ, ଶରୀର, ସମ୍ପୂର୍ଣ୍ଣ ନିର୍ଦ୍ଦୋଷରୂପେ ରକ୍ଷିତ ହେଉ ।" (ଥେସଲନୀକୀ ୫ . ୨୩) "ଆମ୍ଭେ ତୁମ୍ଭକୁ କେବେହେଁ ଛାଡ଼ିବା ନାହିଁ, ଆମ୍ଭେ ତୁମ୍ଭକୁ କେବେହେଁ ପରିତ୍ୟାଗ କରିବା ନାହିଁ ।" (ଏବ୍ରୀ ୧୩ : ୫) ବୋଲି ଆମ୍ଭମାନଙ୍କୁ

ପ୍ରତିଜ୍ଞା କରି ଅଛନ୍ତି । ବାସ୍ତବ ଖ୍ରୀଷ୍ଟିୟାନମାନେ କ୍ଳେଶ ଭୋଗ କରିଥିଲେ ଏବଂ ଅନେକେ କ୍ଳେଶ ଭୋଗିବେ । କିନ୍ତୁ "ଯେଉଁମାନେ ଈଶ୍ୱରଙ୍କୁ ପ୍ରେମ କରନ୍ତି, ଯେଉଁମାନେ ତାହାଙ୍କ ସଂକଳ୍ପ ଅନୁସାରେ ଆହୂତ ହୋଇଅଛନ୍ତି, ଈଶ୍ୱର ସେ ସମସ୍ତ ବିଷୟରେ ସେମାନଙ୍କର ମଙ୍ଗଳ ସାଧନ କରନ୍ତି, ଏହା ଆମ୍ଭେମାନେ ଜାଣୁ ।" (ପ୍ରକାଶିତ ୮ . ୨୮) । ଜଗତରେ ମନୁଷ୍ୟ ନିମନ୍ତେ ସୁରକ୍ଷତା ନାହିଁ କି ଅଛି । ଏହି ଜୀବନର ଶେଷରେ ଅନନ୍ତ ଜୀବନର ଭରସା ନାହିଁ । କେବଳ ଈଶ୍ୱରଙ୍କ ପାରେ ହିଁ ଆମ୍ଭେମାନେ ସୁରକ୍ଷୀତ ଏବଂ ଅନନ୍ତ ଜୀବନର ଭରସା ପ୍ରାପ୍ତ ହୋଇପାରୁ ।

ଖ୍ରୀଷ୍ଟିୟାନମାନେ କେତେ ଭାଗ୍ୟବାନ ! (ଏଫିସୀ ୧ . ୩) ପ୍ରିୟପାଠକ, ସୁରକ୍ଷିତ ଖ୍ରୀଷ୍ଟିୟାନ ଯେତେବେଳ ପର୍ଯ୍ୟନ୍ତ ଏହି କ୍ଷୟ ଶରୀରରେ ଜୀବନ ଯାପନ କରେ, ଈଶ୍ୱରଙ୍କ ଆଡ଼େ ଊର୍ଦ୍ଧ୍ୱ ଦୃଷ୍ଟି ରଖି ଜୀବନ କଟାଏ । ସଦାପ୍ରଭୁଙ୍କ ସେହି ମୁକ୍ତ ଲୋକମାନେ ତାହାଙ୍କ ନାମରେ ଧନ୍ୟବାଦ ଦିଅନ୍ତୁ । (ଗୀତ ୧୦୭ : ୨)

—NEAL POLLAR

—o—

## ନୂତନ ନିୟମର ଆରାଧନା

## ( Worship According to the New Testament )

ପ୍ରତ୍ୟେକ ମନୁଷ୍ୟ ଜୀବନ ପରମେଶ୍ୱରଙ୍କ ଆରାଧନା କରିବା ଆବଶ୍ୟକ । "ସଦାପ୍ରଭୁଙ୍କ ନାମରେ ଗୌରବ କୀର୍ତ୍ତନ କର । ପବିତ୍ରତାର ସୌନ୍ଦର୍ଯ୍ୟରେ ସଦାପ୍ରଭୁଙ୍କୁ ପ୍ରଣାମ କର ।" (ଗୀତ ୨୯:୨) । ଆହେ, ଆସ ଉବୁଡ଼ ହୋଇ ପ୍ରଣାମ କରୁ । ଆମ୍ଭମାନଙ୍କ ସୃଷ୍ଟିକର୍ତ୍ତା ସଦାପ୍ରଭୁଙ୍କ ସମ୍ମୁଖରେ ଆଣ୍ଠୁ ପାଡ଼ୁ । କାରଣ ସେ ଆମ୍ଭମାନଙ୍କର ପରମେଶ୍ୱର । ପୁଣି ଆମ୍ଭେମାନେ ତାହାଙ୍କ ଚରାସ୍ଥାନର ଲୋକ ଓ ତାହାଙ୍କ ହସ୍ତଗତ ମେଷ ।" ମାଥିଉ ଦ୍ୱିତୀୟ ପର୍ବରେ ଉଲ୍ଲେଖିତ ପୂର୍ବଦେଶୀୟ ପଣ୍ଡିତମାନେ ନବଜାତ ଶିଶୁଙ୍କ ଆରାଧନା

ନିମନ୍ତେ ବେଥଲିହିମ ନଗରକୁ ଯାଇଥିଲେ । ଶୟତାନ ଦ୍ୱାରା ପରୀକ୍ଷିତ ହେବା ସମୟରେ କେବଳ ଈଶ୍ୱରଙ୍କୁ ଆରାଧନା କରିବା ଆବଶ୍ୟକ ବୋଲି ପ୍ରଭୁ ଯୀଶୁ ଶୟତାନକୁ ଜଣାଇ ପରୀକ୍ଷାରୁ ବିଜୟୀ ହୋଇଥିଲେ ।

ଯୀଶୁଖ୍ରୀଷ୍ଟଙ୍କ ଦ୍ୱାରା ପ୍ରାପ୍ତ ଅଧିକାର ଦ୍ୱାରା ଖ୍ରୀଷ୍ଟିୟାନ ମାନେ ପରମେଶ୍ୱରଙ୍କୁ ଆରାଧନା କରନ୍ତି । ମାଥିଉ ୨୮:୧୮ ପଦାନୁଯାୟୀ ପରମେଶ୍ୱର ଆପଣା ପୁତ୍ରକୁ ସର୍ବଅଧିକାର ଦେଇ ଅଛନ୍ତି । ପାଉଲ କହନ୍ତି, "ଆଉ, ବାକ୍ୟ କି କର୍ମରେ ତୁମ୍ଭେମାନେ ଯାହା କିଛି କର, ସେ ସମସ୍ତ ପ୍ରଭୁ ଯୀଶୁ ନାମରେ କର ତାହାଙ୍କ ଦ୍ୱାରା ପିତା ଈଶ୍ୱରଙ୍କୁ ଧନ୍ୟବାଦ ଦିଅ । " (କଲସୀ ୩ : ୧୭)

ଯୋହନ ୪ : ୨୧-୨୪ ପଦଗୁଡ଼ିକ ଯୀଶୁଖ୍ରୀଷ୍ଟ ଉପାସନା ବିଷୟରେ ଶମିରୋଣୀୟ ସ୍ତ୍ରୀକୁ କହନ୍ତି " ଯେଉଁ ସମୟରେ ତୁମ୍ଭେମାନେ ଏହି ପର୍ବତରେ କିମ୍ବା ଯିରୂଶାଲମରେ ପିତାଙ୍କର ଉପାସନା କରିବ ନାହିଁ, ଏପରି ସମୟ ଆସୁଅଛି, ଯାହା ତୁମ୍ଭେମାନେ ଜାଣନାହିଁ ତାହାର ଉପାସନା କରୁଥାଅ, ଯାହାଙ୍କୁ ଆମ୍ଭେମାନେ ଜାଣୁ ; ତାହାଙ୍କୁ ଉପାସନା କରୁଥାଉ । କାରଣ ପରିତ୍ରାଣ ଯିହୁଦୀ ମାନଙ୍କ ମଧ୍ୟରୁ ଆସେ । କିନ୍ତୁ ଯେଉଁ ସମୟରେ ସତ୍ୟ ଉପାସକ ମାନେ ଆତ୍ମାରେ ଓ ସତ୍ୟରେ ପିତାଙ୍କର ଉପାସନା କରିବେ, ସେହିପରି ସମୟ ଆସୁଅଛି । ପୁଣି, ବର୍ତ୍ତମାନ ସୁଦ୍ଧା ଉପସ୍ଥିତ । କାରଣ ପିତା ଏହି ପ୍ରକାର ଉପାସକ ଚାହାନ୍ତି । "ଯେଉଁ ଉପାସନା ଆତ୍ମା ଓ ସତ୍ୟରେ ଏବଂ ତାହାଙ୍କ ଅଧିକାର ଦତ୍ତ ନୁହେଁ ତାହା ବ୍ୟର୍ଥ ଆରାଧନା" ।

ଆମ୍ଭେମାନେ ତାହାଙ୍କୁ କପରି ଆରାଧନା କରୁ ବୋଲି ପରମେଶ୍ୱର ଚାହାନ୍ତି ? (୧) ଆତ୍ମା (୨) ସତ୍ୟରେ (ଯୋହନ ୪:୨୪), ସମସ୍ତ ମନ, ହୃଦୟ ଓ ବୁଦ୍ଧି ସହିତ ପ୍ରାର୍ଥନା କରିବା । ବାଇବେଲ ହିଁ ଆମ୍ଭମାନଙ୍କ ଆତ୍ମୀୟ ଆରାଧନାର ଆଦର୍ଶ ।

"ସତ୍ୟ ଦ୍ୱାରା ସେମାନଙ୍କୁ ପବିତ୍ର କର । ତୁମ୍ଭର ବାକ୍ୟ ହିଁ ସତ୍ୟ ।" (ଯୋହନ ୧୭:୧୭) । "ଈଶ୍ୱରଙ୍କ ବାକ୍ୟ ହିଁ ସତ୍ୟ ହୋଇଥିବାରୁ, ତାହାଙ୍କ ବାକ୍ୟାନୁଯାୟୀ ପ୍ରାର୍ଥନା କରିବ । ସତ୍ୟରେ ପ୍ରାର୍ଥନା କରିବା । ଅତଏବ ଏହିପରି ଭାବେ ଆମ୍ଭେମାନେ, "ଈଶ୍ୱର ଆତ୍ମା । ପୁଣି ଯେଉଁମାନେ ତାହାଙ୍କର ଉପାସନା କରନ୍ତି, ଆତ୍ମା ଓ ସତ୍ୟରେ ଉପାସନା କରିବା ଆବଶ୍ୟକ ।" (ଯୋହନ ୪:୨୪) ଯୀଶୁ-ଖ୍ରୀଷ୍ଟଙ୍କ ଏହି ଆଜ୍ଞା ପାଳନ କରୁ ।

ନୂତନ ନିୟମର ଆଜ୍ଞାନୁଯାୟୀ, ଆମ୍ଭେମାନେ ସପ୍ତାହର ପ୍ରଥମ ଦିବସରେ ଅର୍ଥାତ ରବିବାରରେ ତାହାଙ୍କ ଆରାଧନା ନିମନ୍ତେ ଏକତ୍ରିତ ହେବା ଆବଶ୍ୟକ । ଆରାଧନାର ପାଞ୍ଚଟି ଅଂଶ :—

(୧) ପ୍ରାର୍ଥନା :— "ନିରନ୍ତର ପ୍ରାର୍ଥନା କର ।" (୧ମ ଥେସଲନୀକୀ ୫:୧୭) ବୋଲି ଈଶ୍ୱରଙ୍କ ବାକ୍ୟ ପ୍ରତ୍ୟେକ ଖ୍ରୀଷ୍ଟିଆନଙ୍କୁ ସର୍ବଦା ଚେତନା ଦିଏ । ଆରାଧନା ନିମନ୍ତେ ସମ୍ମିଳିତ ହେବା ସମୟରେ ଆମ୍ଭେମାନେ ପ୍ରାର୍ଥନା କରିବା ଆବଶ୍ୟକ ! ଆଦିମ ଖ୍ରୀଷ୍ଟିୟାନ ମାନେ ଆରାଧନାରେ ଏକତ୍ରିତ ଭାବେ ପ୍ରାର୍ଥନା କରୁଥିଲେ ବୋଲି ବାକ୍ୟରେ ପଢି ପାରୁ । "ସେମାନେ ପ୍ରେରିତମାନଙ୍କ ଶିକ୍ଷାରେ, ସହଭାଗିତାରେ, ରୋଟୀ ଭାଙ୍ଗିବାରେ ଓ ପ୍ରାର୍ଥନା କରିବାରେ ନିବିଷ୍ଟଚିତ୍ତ ହୋଇ ରହିଲେ ।" (ପ୍ରେରିତ ୨:୪୨)

(୨) ପ୍ରଭୁଭୋଜ:— ରୋଟୀ ଭାଙ୍ଗିବା ନିମନ୍ତେ ଶିଷ୍ୟ ମାନେ ସପ୍ତାହର ପ୍ରଥମ ଦିନରେ ଏକତ୍ରିତ ହେଉଥିଲେ । (ପ୍ରେରିତ ୨୦:୭) ଏହି ପ୍ରଥା ଆମ୍ଭମାନଙ୍କୁ ତ୍ରାଣକର୍ତ୍ତା ପ୍ରଭୁ ଯୀଶୁଙ୍କ ଦ୍ୱାରା ଆରମ୍ଭ ହୋଇଥିଲା । "ଆଉ, ସେମାନେ ଭୋଜନ କରୁଥିବା ସମୟରେ, ଯୀଶୁ ରୋଟୀ ଭାଙ୍ଗି ଆଶୀର୍ବାଦ କଲେ ଓ ତାହା ଭାଙ୍ଗି ଶିଷ୍ୟମାନଙ୍କୁ ଦେଇ କହିଲେ, ନିଅ, ଭୋଜନ କର, ଏହା ମୋର ଶରୀର । ପୁଣି, ପାନପାତ୍ର ନେଇ ଧନ୍ୟବାଦ ଦେଲେ ଓ ସେମାନଙ୍କୁ କହିଲେ, ଏଥିରୁ

ସମସ୍ତେ ପାନ କର; କାରଣ ଯେଉଁ ନିୟମର ରକ୍ତ ଅନେକଙ୍କ ନିମନ୍ତେ ପାପକ୍ଷମା ଉଦ୍ଦେଶ୍ୟରେ ପାତିତ ହେଉଅଛି । ଏ ମୋହର ସେହି ରକ୍ତ ।" (ମାଥିଉ ୨୬:୨୬-୨୮)

(୩) ଉପଦେଶ :— ଆରାଧନା ନିମନ୍ତେ ଏକତ୍ରିତ ହେବା ସମ୍ବନ୍ଧରେ ବାକ୍ୟ ଦ୍ୱାରା ହେଉଥିଲା ବୋଲି ପ୍ରେରିତ ୨:୪୨ ପଦରୁ ଦେଖିପାରୁ । ଯାହା କହେ, " ପ୍ରେରିତମାନଙ୍କ ଶିକ୍ଷାରେ ନିବିଷ୍ଟଚିତ୍ତ ହୋଇ ରହିଲେ ।" ପ୍ରେରିତ ପାଉଲ ସପ୍ତାହର ପ୍ରଥମ ଦିବସରେ ଆରାଧନା ନିମନ୍ତେ ଏକତ୍ରିତ ଖ୍ରୀଷ୍ଟିୟାନ ମାନଙ୍କୁ ବାକ୍ୟ ଶିକ୍ଷା ଦେଉଥିବାର ଉଦାହରଣ ଆମ୍ଭମାନେ ପ୍ରେରିତ ୨୦:୭ ପଦରେ ଦେଖିପାରୁ । "ସପ୍ତାହର ପ୍ରଥମ ଦିନରେ ଯେତେବେଳେ ଆମ୍ଭେମାନେ ରୋଟୀ ଭାଙ୍ଗିବାକୁ ଏକତ୍ରିତ ହୋଇଥିଲୁ, ସେତେବେଳେ ପାଉଲ ପରଦିନ ପ୍ରସ୍ଥାନ କରିବେ ବୋଲି ଉଦ୍ୟତ ହୋଇଥିବାରୁ ସେମାନଙ୍କୁ ଉପଦେଶ ଦେବାକୁ ଲାଗିଲେ ଓ ଅର୍ଦ୍ଧରାତ୍ର ପର୍ଯ୍ୟନ୍ତ ଦୀର୍ଘ କକ୍ତୃତା ଦେଲେ ।" (ପ୍ରେରିତ ୨୦:୭)

(୪) ଗୀତ ଗାୟନ :— "ସ୍ତୋତ୍ର ଓ ଆଧ୍ୟାତ୍ମିକ ସଂକୀର୍ତ୍ତନ ଦ୍ୱାରା ପରସ୍ପରକୁ ଉତ୍ସାହ ଦିଅ, ପୁଣି ତୁମ୍ଭମାନଙ୍କ ହୃଦୟରେ ଈଶ୍ୱରଙ୍କ ଉଦ୍ଦେଶ୍ୟରେ ସଂକୀର୍ତ୍ତନ ଓ ଗୀତ ଗାନ କର ।" (ଏଫିସୀ ୫:୧୯). "ଖ୍ରୀଷ୍ଟଙ୍କ ବାକ୍ୟ ପ୍ରଚୁର ଭାବେ ତୁମ୍ଭମାନଙ୍କ ଠାରେ ବାସ କରୁ । ତୁମ୍ଭେମାନେ ପରସ୍ପରକୁ ସମ୍ପୂର୍ଣ୍ଣ ଜ୍ଞାନ ସହ ଶିକ୍ଷା ଓ ଚେତନା ଦିଅ । ପୁଣି ଈଶ୍ୱରଙ୍କ ଉଦ୍ଦେଶ୍ୟରେ ଗୀତ, ସ୍ତୋତ୍ର ଓ ଆଧ୍ୟାତ୍ମିକ ସଂକୀର୍ତ୍ତନ ଦ୍ୱାରା କୃତଜ୍ଞ ହୃଦୟରେ ଗାନ କର ।" (କଲସୀ ୩:୧୬) ଯାନ୍ତ୍ରିକ ବାଦ୍ୟ ସଙ୍ଗୀତର ଆରାଧନାରେ ସ୍ଥାନ ନାହିଁ । ପ୍ରତ୍ୟେକ ଖ୍ରୀଷ୍ଟିୟାନ ଆପଣା ସମ୍ପୂର୍ଣ୍ଣ ହୃଦୟ ସହିତ ମୁକ୍ତ କଣ୍ଠରେ ପରମେଶ୍ୱରଙ୍କୁ ଆରାଧନା କରିବା ଆବଶ୍ୟକ । ଯେଉଁ କାର୍ଯ୍ୟ କରିବା ନିମନ୍ତେ ଆମ୍ଭେମାନେ ବାକ୍ୟ ଦ୍ୱାରା ଆଜ୍ଞାପିତ ହୋଇନାହୁଁ, ତାହା କରିବା ଦ୍ୱାରା ଆଜ୍ଞା ଲଙ୍ଘନ କରଥାଉଁ ।

(୫) ଚାନ୍ଦା :— ଆମ୍ଭମାନଙ୍କ ଅଭିବୃଦ୍ଧି ଅନୁଯାୟୀ ଚାନ୍ଦା ଦେବା ନିମନ୍ତେ ଆମ୍ଭେମାନେ ବାକ୍ୟ ଦ୍ୱାରା ଆଜ୍ଞାପିତ ହୋଇଅଛୁ। ସାଧୁମାନଙ୍କ ନିମନ୍ତେ ଦାନସଂଗ୍ରହ ସମ୍ବନ୍ଧରେ ଯେପରି ମୁଁ ଗାଲାତିଆର ମଣ୍ଡଳୀ ସମୂହକୁ ଆଦେଶ ଦେଇଅଛି, ତୁମ୍ଭେମାନେ ମଧ୍ୟ ସେହିପରି କର। ମୁଁ ଗଲେ ଯେପରି ଦାନସଂଗ୍ରହ କରିବାକୁ ପଡ଼ିବ ନାହିଁ। ଏଥି ନିମନ୍ତେ ସପ୍ତାହର ପ୍ରଥମ ଦିନରେ ତୁମ୍ଭମାନେ ପ୍ରତ୍ୟେକ ଜଣ ଆପଣା ଆପଣା ସୁବିଧା ଅନୁସାରେ ନିଜ ନିଜ ନିକଟରେ କିଛି କିଛି ସଞ୍ଚୟ କରି ରଖ।" (୧ମ କରିନ୍ଥୀ ୧୬:୧,୨)

ଆରାଧନା ନିମନ୍ତେ ସମ୍ମିଳିତ ହେବା ସମୟରେ ଏହି ପାଞ୍ଚଟି ଅଂଶ ପାଳନ କରିବା ନିମନ୍ତେ ଆମ୍ଭେମାନେ ଆଜ୍ଞାବଦ୍ଧ ଅଟୁ। ଏତଦବ୍ୟତିତ ଆମ୍ଭମାନଙ୍କ ଆରାଧନା ବ୍ୟର୍ଥ (ମାଥିଉ ୧୫:୯), ଅଜ୍ଞାନ (ପ୍ରେରିତ ୧୭:୨୩), କିଅବା ସ୍ୱଇଚ୍ଛା ଆରାଧନା (କଲସୀ ୨:୨୩), କିନ୍ତୁ ଆମ୍ଭେମାନେ ତାହାଙ୍କ ବାକ୍ୟାନୁଯାୟୀ ତାହାଙ୍କୁ ଆରାଧନା କଲେ, ତାହାଙ୍କୁ ଆତ୍ମା ଓ ସତ୍ୟରେ ଆରାଧନା କରି ପାରିବ। ତାହାଙ୍କ ଆଜ୍ଞାରେ ଯୋଗ ବିୟୋଗ ନକରି ତାହାଙ୍କ ଆଜ୍ଞା ପାଳନ କରିବା ଦ୍ୱାରା, ତାହାଙ୍କ ଦତ୍ତ ସକଳ ଆଶୀର୍ବାଦର ସହଭାଗୀ ହୋଇପାରିବା। (ଲେବୀ ୧୦:୧,୨, ଗାଲାତି ୧:୬-୧୦, ପ୍ରକାଶିତ ୨୨:୧୯)

— **Steve Miller**

॥ ରାଜେଶ୍ୱରୀ ପ୍ରେସ, ନବରଙ୍ଗପୁର ॥

# ସତ୍ୟବାଣୀ
# VOICE OF TRUTH

Vol-VI KAKINADA MAR. - APR.


## ଏହି ପରମେଶ୍ୱର କିଏ
## ( Who is this God )

ସର୍ବଶକ୍ତିମାନ, ବିଶ୍ୱବ୍ୟାପ୍ତ, ଅସୀମ ପରମେଶ୍ୱରଙ୍କ ବିଷୟରେ ସୀମିତ ମନୁଷ୍ୟର ବୋଧର ଅଗମ୍ୟ । ସ୍ୱର୍ଗୀୟ ଗୌରବମୟ ପରମେଶ୍ୱରଙ୍କ ମହିମା ଆମ୍ଭମାନଙ୍କ ଚକ୍ଷୁର୍ଦ୍ଦିଗସ୍ଥ ପ୍ରକୃତି ସାକ୍ଷ୍ୟ ଦିଏ । ଏତଦ୍‌ବ୍ୟତୀତ ତାହାଙ୍କ ମହାନତା ତାହାଙ୍କ ପୁସ୍ତକ ବାଇବଲରେ ବ୍ୟକ୍ତ କରାଯାଇ ଅଛି । ଏହି ଦୁଇ ଜୀବନ୍ତ ଅସ୍ତ୍ର ବିନୁ ଅନ୍ୟ କୌଣସି ବିଷୟ ଆମ୍ଭମାନଙ୍କୁ ଅନ୍ୟ ଦେବଗଣର କୁଶିକ୍ଷାରୁ ମୁକ୍ତକର ପାରେ ନାହିଁ ।

### ୧) ଏକ ମାତ୍ର ପରମେଶ୍ୱର :-

ଆମ୍ଭମାନଙ୍କ ପରମେଶ୍ୱର ସିଦ୍ଧ, ପବିତ୍ର ପରିପୂର୍ଣ୍ଣବନ୍ତ ଅଟନ୍ତି । ତାହାଙ୍କ ହସ୍ତସୃଷ୍ଟି ଏହି ସୃଷ୍ଟି ତାହାଙ୍କ ଗୌରବ ବର୍ଣ୍ଣନା କରେ । ଇସ୍ରାଏଲ ସନ୍ତାନମାନଙ୍କୁ ପିତା ପରମେଶ୍ୱର ମୋଶାଙ୍କ ଦ୍ୱାରା ଏପରି କହିଥିଲେ । "ଆମ୍ଭ ସାକ୍ଷାତରେ ତୁମ୍ଭର ଆଉ କୌଣସି ଦେବତା ହେବେ ନାହିଁ । ତୁମ୍ଭେ ଆପଣା ନିମନ୍ତେ କୌଣସି ଖୋଦିତ ପ୍ରତିମା ନିର୍ମାଣ କରିବ ନାହିଁ, କି ଉପରିସ୍ଥ ସ୍ୱର୍ଗରେ, କି ନିମ୍ନସ୍ଥ ପୃଥିବୀରେ, କି ପୃଥିବୀର ନିମ୍ନସ୍ଥ ଜଳରେ ଥିବା କୌଣସି ବସ୍ତୁର ପ୍ରତିମୂର୍ତ୍ତି ନିର୍ମାଣ କରିବ ନାହିଁ । ତୁମ୍ଭେ ସେମାନଙ୍କୁ ପ୍ରଣାମ କରିବ ନାହିଁ । କି ସେମାନଙ୍କର ସେବା କରିବ ନାହିଁ । ଯେହେତୁ ଆମ୍ଭେ ତୁମ୍ଭର

ସଦାପ୍ରଭୁ ପରମେଶ୍ୱର ସ୍ୱଗୌରବ ରକ୍ଷଣାରେ ଉଦ୍‌ଯୋଗୀ ପରମେଶ୍ୱର ଅଟୁ । ପୁଣି ଯେଉଁମାନେ ଆମ୍ଭକୁ ଘୃଣା କରନ୍ତି ଆମ୍ଭେ ସେମାନଙ୍କ ତୃତୀୟ ଓ ଚତୁର୍ଥ ପୁରୁଷ ପର୍ଯ୍ୟନ୍ତ ସନ୍ତାନ ମାନଙ୍କ ଉପରେ ପୈତୃକ ଅପରାଧ ପ୍ରତିଫଳଦାତା ... “( ଯାତ୍ରା ୨୦.୨-୫ )

## ୨) ସେ ଅନାଦି ଓ ଅନନ୍ତ ପରମେଶ୍ୱର ଅଟନ୍ତି : ଓ୍ୟାନୀ

ବ୍ୟକ୍ତି ଏହି ବିଶ୍ୱର ଚାତୁର୍ଯ୍ୟତାରେ ତାହାର ସୃଷ୍ଟିକର୍ତ୍ତାଙ୍କ ଅସ୍ତିତ୍ୱ ଅନୁଭବ କରିପାରେ । ଏହି ବିଶ୍ୱ ତାହାଙ୍କ ହସ୍ତକୃତ କର୍ମ । ତାହାଙ୍କ ହସ୍ତକୃତ କର୍ମ ତାହାଙ୍କ ଗୁଣଗାନ କରେ । ଏହି ସୁନ୍ଦର ଆଶ୍ଚର୍ଯ୍ୟମୟ ବିଶ୍ୱର ସୃଷ୍ଟିକର୍ତ୍ତାଙ୍କ ଅସ୍ତିତ୍ୱ ଅସ୍ୱୀକାର କରିବା ମୂର୍ଖତାର ବିଷୟ । ଏହି ସେହି ପରମେଶ୍ୱର ଅଟନ୍ତି । ଯାହାଙ୍କ ଠାରେ ଜୀବନ ଥାଏ ଓ ଯାହାଙ୍କ ଦ୍ୱାରା ଦୃଷ୍ଟ ଓ ଅଦୃଷ୍ଟ ବିଷୟ ସମସ୍ତ ସୃଷ୍ଟି ହୋଇଅଛି । " ହେ ପ୍ରଭୋ, ତୁମ୍ଭେ ପୁରୁଷାନୁକ୍ରମରେ ଆମ୍ଭମାନଙ୍କର ବାସସ୍ଥାନ ହୋଇ ଆସିଅଛ । ପର୍ବତଗଣର ଉତ୍ପତ୍ତିର ଓ ତୁମ୍ଭ ଦ୍ୱାରା ପୃଥିବୀ ଓ ଜଗତର ସୃଷ୍ଟିର ପୂର୍ବରୁ ଅନାଦି କାଳରୁ ଅନନ୍ତ କାଳ ପର୍ଯ୍ୟନ୍ତ ତୁମ୍ଭେ ପରମେଶ୍ୱର ଅଟ । " ( ଗୀତ ୯୦.୧-୨ )" -- ପିତା ଯେପରି ସ୍ୱୟଂ ଜୀବୀ -- "(ଯୋହନ ୫:୨୬ )

## ୩) ସର୍ବଜ୍ଞାନୀ ପରମେଶ୍ୱର :-

କୌଣସି ବିଷୟ ତାହାଙ୍କ ଅଜ୍ଞାତ ନାହିଁ । ଯାହାଙ୍କ ଦ୍ୱାରା ଏହି ସୃଷ୍ଟି ସମ୍ଭବପର ହୋଇ ଅଛି ତାହାଙ୍କ ଜ୍ଞାନ ଅସୀମିତ ଅଟେ । “ସଦାପ୍ରଭୁ କହନ୍ତି, ଆମ୍ଭେ ଯେଉଁ ସ୍ଥାନରେ ଦେଖି ନ ପାରିବୁ ଏପରି ଗୁପ୍ତ ସ୍ଥାନରେ କି କେହି ଆପଣାକୁ ଲୁଚାଇ ପାରେ ) ସଦାପ୍ରଭୁ କହନ୍ତି । ଆମ୍ଭେ କି ସ୍ୱର୍ଗ ଓ ମର୍ତ୍ତ୍ୟ ବ୍ୟାପିନଥାଉ ?(ଯିରିମିୟ ୨୩:୨୪ । “ ... ସ୍ଥିର ହୋଇ ଠିଆ ହୁଅ ଓ ପରମେଶ୍ୱରଙ୍କ ଆଶ୍ଚର୍ଯ୍ୟ କ୍ରିୟା ସବୁ ବିବେଚନା କର । ..... ତୁମ୍ଭେ କି ମେଘମାନଙ୍କର ସମତୋଳ ପରମ ଜ୍ଞାନୀଙ୍କର ଆଶ୍ଚର୍ଯ୍ୟ କ୍ରିୟା ସବୁ ଜାଣ ? “(ଆୟୁବ ୩୭:୧୪,୧୬ ।

ଯୁଗ ଆରମ୍ଭରୁ ଈଶ୍ୱର ଆପଣାର ସମସ୍ତ କର୍ମ ଜ୍ଞାତ ଅଟନ୍ତି ।" (ପ୍ରେରିତ ୧୫:୧୮)।

## ୪) ଅସୀମ ଶକ୍ତିମାନ ପରମେଶ୍ୱର :-

ପରମେଶ୍ୱର ଯାହା ଇଚ୍ଛା କରନ୍ତି, ତାହା ସାଧନ କରିବା ସକ୍ଷମ ପରମେଶ୍ୱର ସେ ଅଟନ୍ତି । ଏହି ବିଶ୍ୱକୁ ସେ ଆପଣା ଆୟତ୍ତରେ ରଖି ଅଛନ୍ତି । ସେ କି କୌଣସି ବିଷୟରେ ଅସମର୍ଥ ହୋଇ ପାରନ୍ତି?

ଏହା ମନୁଷ୍ୟର ଅସାଧ୍ୟ, କିନ୍ତୁ ଈଶ୍ୱରଙ୍କର ସମସ୍ତ ସାଧ୍ୟ । "(ମାଥିଉ ୧୯:୨୬) "ପୃଥିବୀ ନିବାସୀ ସମସ୍ତ ଅବସ୍ତୁ ତୁଲ୍ୟ ଗଣିତ ଅଛନ୍ତି, ସେ ସ୍ୱର୍ଗୀୟ ସୈନ୍ୟଗଣ ମଧ୍ୟରେ ଓ ପୃଥିବୀର ନିବାସୀଗଣର ମଧ୍ୟରେ ଆପଣା ଇଚ୍ଛାନୁସାରେ କାର୍ଯ୍ୟ କରନ୍ତି; ଆଉ କେହି ତାଙ୍କର ହସ୍ତ ସ୍ଥଗିତ କରି ନପାରେ ଓ ତୁମ୍ଭେ କଅଣ କରୁଅଛ ଏହା ତାହାଙ୍କୁ କହି ନ ପାରେ ।"(ଦାନିଏଲ ୪:୩୫)। ତୁମ୍ଭେ କି ଜାଣି ନାହଁ? ତୁମ୍ଭେ କି ଶୁଣି ନାହଁ? ପୃଥିବୀର ପ୍ରାନ୍ତ ସକଳର ସୃଷ୍ଟିକର୍ତ୍ତା ଅନାଦି ଅନନ୍ତ ପରମେଶ୍ୱର କ୍ଳାନ୍ତ ହୁଅନ୍ତି ନାହିଁ । କି ଶ୍ରାନ୍ତ ହୁଅନ୍ତି ନାହିଁ । ତାହାଙ୍କର ବୁଦ୍ଧି ବୋଧର ଅଗମ୍ୟ । ସେ କ୍ଳାନ୍ତ ଲୋକଙ୍କୁ ଶକ୍ତି ଦିଅନ୍ତି ଓ ବଳହୀନ ଲୋକକୁ ବଳ ବଢ଼ାଇ ଦିଅନ୍ତି । ତରୁଣମାନେ ହେଁ କ୍ଳାନ୍ତ ଓ ଶ୍ରାନ୍ତ ହେବେ । ପୁଣି ଯୁବକମାନେ ନିତାନ୍ତ ଝୁଣ୍ଟି ପଡ଼ିବେ । ମାତ୍ର ଯେଉଁମାନେ ସଦାପ୍ରଭୁଙ୍କର ଅପେକ୍ଷା କରନ୍ତି, ସେମାନେ ନୂଆ ବଳ ପାଇବେ । ସେମାନେ ଉତ୍କ୍ରୋଶ ପକ୍ଷୀ ପରି ପକ୍ଷରେ ଊର୍ଦ୍ଧ୍ୱକୁ ଉଠିବେ । ସେମାନେ ଶ୍ରାନ୍ତ ନ ହୋଇ ଦୌଡ଼ିବେ, ସେମାନେ କ୍ଳାନ୍ତ ନ ହୋଇ ଗମନ କରିବେ । (ଯିଶାଇୟ - ୪୦:୨୮-୩୧)।

## ୫) ସର୍ବବ୍ୟାପୀ ପରମେଶ୍ୱର :-

ସୁନା, ରୂପା, କାଠ, କିଅବା ମାଂସ ଓ ରକ୍ତ ଦ୍ୱାରା ପରମେଶ୍ୱର ନିର୍ମିତ ନୁହନ୍ତି । ଅନନ୍ତ ପରମେଶ୍ୱରଙ୍କ ସତ୍ତା ଓ ଅସ୍ତିତ୍ୱରେ ଏହି ପୃଥିବୀ ପରିପୂର୍ଣ୍ଣ । ସେ ମନୁଷ୍ୟ କିଅବା କୌଣସି ବସ୍ତୁ ସଦୃଶ୍ୟ ଏକ ସ୍ଥାନରେ ସୀମିତ ନୁହନ୍ତି । ଦାଉଦ କହନ୍ତି,

"ତୁମ୍ଭ ଆତ୍ମାଠାରୁ ମୁଁ କେଉଁଠାକୁ ଯିବି ? ଅବା ତୁମ୍ଭ ସାକ୍ଷାତରୁ ମୁଁ କେଉଁଠାକୁ ପଳାଇବି ? ଯେବେ ମୁଁ ସ୍ୱର୍ଗକୁ ଆରୋହଣ କରେ, ତେବେ ମୁଁ ଦେଖ, ତୁମ୍ଭେ ସେଠାରେ । ଯେବେ ମୁଁ ପାତାଳରେ ବିଛଣା କରେ, ତେବେ ଦେଖ, ତୁମ୍ଭେ ସେଠାରେ ଯେବେ ମୁଁ ଅରୁଣର ପକ୍ଷ ଧରେ ଓ ସମୁଦ୍ରର ପ୍ରାନ୍ତ ସୀମାରେ ବାସ କରେ, ସେଠାରେ ହେଁ ତୁମ୍ଭର ହସ୍ତ ମୋତେ ଚଳାଇବ ଓଂ ଓ ତୁମ୍ଭର ଦକ୍ଷିଣ ହସ୍ତ ମୋତେ ଧରିବ । ଯେବେ ମୁଁ କହେ, ନିଶ୍ଚୟ ଅନ୍ଧକାର ମୋତେ ମଗ୍ନ କରିବ ଓ ମୋ ଚତୁର୍ଦ୍ଦିଗସ୍ଥ ଆଲୁଅ ରାତ୍ରି ହେବ । ତେବେ ଅନ୍ଧକାର ହିଁ ତୁମ୍ଭଠାରୁ ଲୁଚୁଏ ନାହିଁ । ବରଂ ରାତ୍ରି ଦିବସ ପରି ଦୀପ୍ତିମାନ ହୁଏ । ତୁମ୍ଭ ପ୍ରତି ଅନ୍ଧକାର ଓ ଆଲୁଅ ସମାନ ।" ମୁଁ ତୁମ୍ଭକୁ ଧନ୍ୟବାଦ ଦେବି । କାରଣ ମୁଁ ଭୟଙ୍କର ଓ ଆଶ୍ଚର୍ଯ୍ୟ ରୂପେ ନିର୍ମିତ । (ଗୀତ - ୧୩୯ : ୭-୧୨,୧୪) । "ସ୍ୱର୍ଗ ଆମ୍ଭର ସିଂହାସନ ଓ ପୃଥିବୀ ଆମ୍ଭର ପାଦ ପୀଠ; ତୁମ୍ଭେମାନେ ଆମ୍ଭ ନିମନ୍ତେ କି ପ୍ରକାର ଗୃହ ନିର୍ମାଣ କରିବ ? କେଉଁସ୍ଥାନ ଆମ୍ଭର ବିଶ୍ରାମ ସ୍ଥାନ ହେବ । କାରଣ ଆମ୍ଭର ହସ୍ତ ଏହି ସବୁ ନିର୍ମାଣ କରିଅଛି, ଆଉ ତହିଁ ସକାଶୁ ଏହିସବୁ ଉତ୍ପନ୍ନହେଲ, ଏହା ସଦାପ୍ରଭୁ କହନ୍ତି; ମାତ୍ର ଏହି ଲୋକ ପ୍ରତି, ଅର୍ଥାତ୍ ଯେଉଁ ଲୋକ ଦୁଃଖି ଓ ଚୂର୍ଣ୍ଣମନା ଓ ସେ ଆମ୍ଭ ବାକ୍ୟରେ କମ୍ପମାନ ହୁଏ, ତାହା ପ୍ରତି ଆମ୍ଭେ ଦୃଷ୍ଟିପାତ କରିବା ? (ଯିଶାଇୟ ୬୬ : ୧-୨) ।

## ୭) ସିଦ୍ଧ ପରମେଶ୍ୱର :-

ପବିତ୍ର, ଧାର୍ମିକ ଓ ନ୍ୟାୟବାନ ପରମେଶ୍ୱରଙ୍କ ସିଦ୍ଧତାର ପ୍ରମାଣ ଦିଏ । ଅସମ୍ପୂର୍ଣ୍ଣତା ଅପବିତ୍ରତା ଈଶ୍ୱରଙ୍କ ସ୍ୱଭାବର ବ୍ୟତି-ରେକି । ମନୁଷ୍ୟର ଅନ୍ତରାତ୍ମା ପରମେଶ୍ୱରଙ୍କ ଉପାସନା କରିବାରେ ଆତୁର ହେବା ସଙ୍ଗେ ତାହାଙ୍କ ଗୁଣାବଳୀରେ ଆପଣାକୁ ସାଜିବାରେ ଯତ୍ନ କରେ । "ସଦାପ୍ରଭୁ କୃପାବାନ ଓ ସ୍ନେହଶୀଳ, କ୍ରୋଧରେ ଧୀର ଓ ଦୟାରେ ମହାନ । ସଦାପ୍ରଭୁ ସମସ୍ତଙ୍କ ପ୍ରତି ମଙ୍ଗଳମୟ ପୁଣି ତାହାଙ୍କ ହସ୍ତକୃତ ସମସ୍ତ କର୍ମ ଉପରେ ତାହାଙ୍କର ଦୟା ଥାଏ ।

ସଦାପ୍ରଭୁ ସମସ୍ତ ପଡ଼ିବା ଲୋକଙ୍କୁ ଧରି ରଖନ୍ତି ଓ ନଇଁ ପଡ଼ିବା

ନତଲୋକଙ୍କୁ ଉଠାନ୍ତି । ତୁମ୍ଭେ ଆପଣା ହସ୍ତ ମେଲାଇ ପ୍ରତ୍ୟେକ ପ୍ରାଣୀର କାମନା ପୂର୍ଣ୍ଣ କରୁଅଛ । ସେ ଆପଣା ଭୟକାରୀ ମାନଙ୍କର ବାଞ୍ଛା ପୂର୍ଣ୍ଣ କରିବେ, ଆତୁର ସେ କାକୁତି ଶୁଣିବେ ଓ ସେ ପରିତ୍ରାଣ କରିବେ । ଆମ୍ଭର ମୁଖ ସଦା ପ୍ରଭୁଙ୍କର ପ୍ରଶଂସା କରିବ ଓ ସମୁଦାୟ ପ୍ରାଣୀ ଅନନ୍ତକାଳ ତାହାଙ୍କ ପବିତ୍ର ନାମରେ ଧନ୍ୟବାଦ କରନ୍ତୁ ।

( ଗୀତ ୧୪୫ : ୮ : ୯, ୧୪, ୧୬, ୧୯, ୨୧ )

"ହେ ଆକାଶ ମଣ୍ଡଳ କର୍ଣ୍ଣ ଦିଅ, ଆମ୍ଭେ କହିବା, ପୁଣି ପୃଥିବୀ ଆମ୍ଭ ମୁଖର ବାକ୍ୟ ଶ୍ରବଣ କରୁ । କାରଣ ମୁଁ ସଦା ପ୍ରଭୁଙ୍କ ନାମ ପ୍ରଚାର କରିବି । ତୁମ୍ଭେମାନେ ଆମ୍ଭମାନଙ୍କ ପରମେଶ୍ୱରଙ୍କ ପ୍ରତି ମହିମା ଆରୋପ କର । ସେ ତ ଶୈଳ । ତାହାଙ୍କ କର୍ମ ସିଦ୍ଧ, କାରଣ ତାହାଙ୍କର ସକଳ ପଥ ନ୍ୟାଯ୍ୟ । ସେ ବିଶ୍ୱସ୍ତ ଓ ଅଧର୍ମ ରହିତ ପରମେଶ୍ୱର । ସେ ଧାର୍ମିକ ଓ ସରଳ ଅଟନ୍ତି ।"

( ପ୍ରଭୁ ବିବରଣ ୩୨ : ୧, ୩, ୪ )

## ୬) ଅବର୍ତ୍ତନୀୟ ପରମେଶ୍ୱର :

ସର୍ବଶକ୍ତିମାନ, ସର୍ବବ୍ୟାପି, ଅନାଦି ଅନନ୍ତ, ପବିତ୍ର, ଶୁଦ୍ଧ, ନ୍ୟାୟବାନ ପରମେଶ୍ୱରଙ୍କ ଠାରେ ତିଳେମାତ୍ର ପରିବର୍ତ୍ତନ ନାହିଁ । ତାହାଙ୍କ ଠାରୁ ନିର୍ଗତ ବାକ୍ୟ ସକଳ ଜ୍ଞାନଯୁକ୍ତ, ସିଦ୍ଧ ଓ ସମ୍ପୂର୍ଣ୍ଣ । ତାହାଙ୍କ ବାକ୍ୟହିଁ ସତ୍ୟ । ସେ କହନ୍ତି, "ଆମ୍ଭେ ସଦା ପ୍ରଭୁ, ଆମ୍ଭର ପରିବର୍ତ୍ତନ ନାହିଁ ।" (ମଲାଖି ୩ : ୬ ) "ସମସ୍ତ ଉତ୍ତମ ଦାନ ଓ ସମସ୍ତ ସିଦ୍ଧବର ଊର୍ଦ୍ଧ୍ୱରୁ ଅର୍ଥାତ୍ ଜ୍ୟୋତିର୍ଗଣର ପିତାଙ୍କଠାରୁ ଆସେ, ଯାହାଙ୍କ ଠାରେ କୌଣସି ପରିବର୍ତ୍ତନ ବା ଲେଶମାତ୍ର ବିକାର ନାହିଁ ।" (ଯାକୁବ ୧ : ୧୭ ) ବିଳମ୍ବ ବୋଲି ଯେପରି କେତେକ ଭାବନ୍ତି, ପ୍ରଭୁ ଆପଣା ପ୍ରତିଜ୍ଞା ବିଷୟରେ ସେପରି ବିଳମ୍ବ କରନ୍ତି ନାହିଁ । କିନ୍ତୁ ଯେପରି କେହି ବିନଷ୍ଟ ନ ହୁଅନ୍ତି, ବରଂ ସମସ୍ତେ ମନ ପରିବର୍ତ୍ତନ କରନ୍ତି । ଏହା ଇଚ୍ଛା କରି ସେ ତୁମ୍ଭମାନଙ୍କ ପ୍ରତି ଧୈର୍ଯ୍ୟ ସହିଷ୍ଣୁ ଅଟନ୍ତି ।" ( ୨ୟ ପିତର ୩ : ୯ )

ସିଦ୍ଧ, ପବିତ୍ର, ସର୍ବଜ୍ଞାତ ପରମେଶ୍ୱର ପ୍ରେମମୟ ଓ କୃପାବାନ ଗୁଣାନୁଯାୟୀ ପଥଭ୍ରଷ୍ଟ ମନୁଷ୍ୟର ପରିତ୍ରାଣ ନିମନ୍ତେ ଆପଣାକୁ ନତ କରି ଅଛନ୍ତି । ସେ ଆପଣା ସୃଷ୍ଟିର ଅଜ୍ଞାନତା, ଅବାଧ୍ୟତା କାହିଁକି ସହ୍ୟ କରନ୍ତି ? କାରଣ ଆମ୍ଭର ପରମେଶ୍ୱର ପ୍ରେମମୟ, କୃପାମୟ ଓ କ୍ରୋଧଧୀର ଅଟନ୍ତି । ପ୍ରେମମୟ ପରମେଶ୍ୱର ଆମ୍ଭମାନଙ୍କ ସମସ୍ତ ଦୁର୍ବଳତା ସହ୍ୟ କରି ଆମ୍ଭମାନଙ୍କ ଆତ୍ମାର ପରିତ୍ରାଣରେ ତୁଷ୍ଟ ଅଟନ୍ତି । ପ୍ରେମମୟ ପରମେଶ୍ୱରଙ୍କ ଅସୀମିତ ଦୟା ଗୁଣ ଯୋଗୁଁ ସେ ଆମ୍ଭମାନଙ୍କ ସମସ୍ତ ଦୁର୍ବଳତା ସହ୍ୟ କରି ଆମ୍ଭମାନଙ୍କ ପ୍ରତି ଦୀର୍ଘ ସହିଷ୍ଣୁତା ହୁଅନ୍ତି । "ହେ ପ୍ରିୟମାନେ, ଆସ, ଆମ୍ଭେମାନେ ପରସ୍ପରକୁ ପ୍ରେମ କରୁ, କାରଣ ପ୍ରେମ ଈଶ୍ୱରଙ୍କ ଠାରୁ ଜାତ ଓ ଯେ କେହି ପ୍ରେମ କରେ, ସେ ଈଶ୍ୱରଙ୍କ ଠାରୁ ଜାତ ଓ ଈଶ୍ୱରଙ୍କୁ ଜାଣେ । ଯେ ପ୍ରେମ କରେ ନାହିଁ, ସେ ଈଶ୍ୱରଙ୍କୁ ଜାଣେ ନାହିଁ । କାରଣ ଈଶ୍ୱର ତ ପ୍ରେମ । ଏଥିରେହିଁ ଈଶ୍ୱରଙ୍କ ପ୍ରେମ ଆମ୍ଭମାନଙ୍କ ପ୍ରତି ପ୍ରକାଶିତ ହୋଇଅଛି ଯେ, ସେ ଆପଣାର ଅଦ୍ୱିତୀୟ ପୁତ୍ରଙ୍କୁ ଜଗତକୁ ପ୍ରେରଣ କଲେ । ଯେପରି ଆମ୍ଭେମାନେ ତାହାଙ୍କ ଦ୍ୱାରା ଜୀବନ ପ୍ରାପ୍ତ ହେଉ । ଆମ୍ଭେମାନେ ଯେ ଈଶ୍ୱରଙ୍କୁ ପ୍ରେମ କରୁ । ତାହା ନୁହେଁ, ମାତ୍ର ସେ ଆମ୍ଭମାନଙ୍କୁ ପ୍ରେମ କଲେ, ପୁଣି ଆପଣା ପୁତ୍ରଙ୍କୁ ଆମ୍ଭମାନଙ୍କ ପାପର ପ୍ରାୟଶ୍ଚିତ୍ତ ସ୍ୱରୂପ କରି ପଠାଇଲେ ॥ ଏଥିରେ ତ ପ୍ରେମ ପ୍ରକାଶ ପାଏ ।" ( ୧ମ ଯୋହନ ୩ : ୭-୧୦ ) ଈଶ୍ୱର ତ ପ୍ରେମ । ଯେ ପ୍ରେମରେ ରହେ, ସେ ଈଶ୍ୱରଙ୍କ ଠାରେ ରହେ ଓ ଈଶ୍ୱର ତାହାଠାରେ ରହନ୍ତି ସେ ପ୍ରଥମରେ ଆମ୍ଭମାନଙ୍କୁ ପ୍ରେମ କରିବାରୁ ଆମ୍ଭେମାନେ ପ୍ରେମ କରୁ ।" ( ୧ମ ଯୋହନ ୪ : ୧୬,୧୯ ) । ପ୍ରେମରୁ ଦୟା ଜାତ ହୁଏ । ପ୍ରେମମୟ ପିତା ଆମ୍ଭମାନଙ୍କ ପ୍ରତି ଦୟାବାନ ଅଟନ୍ତି । ଲେଖାଯାଏ, "ସଦାପ୍ରଭୁ ପରମେଶ୍ୱର ସ୍ନେହଶୀଳ ଓ କୃପାମୟ । କ୍ରୋଧରେ ଧୀର, ଦୟା ଓ ସତ୍ୟତାରେ ପରିପୂର୍ଣ୍ଣ । ସହସ୍ର ସହସ୍ର ପୁରୁଷ ପର୍ଯ୍ୟନ୍ତ ଦୟାରକ୍ଷାକାରୀ । ( ଯାତ୍ରା ୩୪ : ୬, ୭ )" ସେ ଆପଣା ପ୍ରେମ ଓ ଆପଣା ଦୟାରେ ସେମାନଙ୍କୁ ମୁକ୍ତ କଲେ । " ( ଯିଶାଇୟ ୬୩, ୯ ) " ତୁମ୍ଭମାନଙ୍କ

ପିତା ଯେପରି ଦୟାଳୁ, ତୁମ୍ଭେମାନେ ସେହିପରି ଦୟାଳୁ ହୁଅ ।"
( ଲୂକ ୬ : ୩୬ )

ପାପ ଓ ଅନାଜ୍ଞାବହତା ସତ୍ତ୍ୱେ ପ୍ରେମମୟ ପରମେଶ୍ୱର ମନୁଷ୍ୟଙ୍କୁ ଆପଣା ନିକଟକୁ ଆକର୍ଷଣ କରନ୍ତି । ପଥଭ୍ରଷ୍ଟ ମନୁଷ୍ୟ ସତ୍ୟମାର୍ଗରେ ଫେରାଇ ଆଣିବା ନିମନ୍ତେ ସେ ତାହାଙ୍କ ମାର୍ଗ ଶିକ୍ଷା ଦେବା ନିମନ୍ତେ ପ୍ରତ୍ୟେକ ଖ୍ରୀଷ୍ଟିୟାନଙ୍କୁ ଆଜ୍ଞା ଦିଅନ୍ତି । ସେ ଆପଣା ସନ୍ତାନମାନଙ୍କ ପାପ କ୍ଷମା କରି ଆପଣାଇ ନେବାରେ ଆପଣା ହସ୍ତ ବିସ୍ତାର କରି ଅଛନ୍ତି । "ଯେହେତୁ ଆମ୍ଭେ ସେମାନଙ୍କର ଅପରାଧ କ୍ଷମା କରିବା ଓ ସେମାନଙ୍କର ପାପ ଆମ୍ଭେ ଆଉ ସ୍ମରଣ କରିବା ନାହିଁ ।" ( ଯିରିମିୟ ୩୧ : ୩୪ )

J. C. Choate

❋

## ଯୀଶୁଙ୍କଠାରେ ସମର୍ପିତ ଜୀବନ

## ( Surrender to Jesus )

ଯୀଶୁଖ୍ରୀଷ୍ଟଙ୍କଠାରେ ଆମ୍ଭମାନଙ୍କ ସମସ୍ତ ଜୀବନ ଅର୍ପଣ କରିବାହିଁ ବାଇବଲର ମୂଳଶିକ୍ଷା । ଏଥି ନିମନ୍ତେ ଆମ୍ଭମାନଙ୍କ ସୁଦୃଢ଼ ବିଶ୍ୱାସ ଆବଶ୍ୟକ । କାରଣ ବାକ୍ୟ କହେ, "ବିଶ୍ୱାସ ବିନା ତାହାଙ୍କ ସନ୍ତୋଷ ପାତ୍ର ହେବା ଅସମ୍ଭବ । କାରଣ ଈଶ୍ୱର ଯେ ଅଛନ୍ତି, ଆଉ ସେ ଯେ ତାହାଙ୍କ ଅନ୍ୱେଷଣକାରୀମାନଙ୍କର ପୁରସ୍କାର ଦାତା, ଏହା ତାହାଙ୍କ ସମ୍ମୁଖକୁ ଆସିବା ଲୋକର ବିଶ୍ୱାସ କରିବା ଆବଶ୍ୟକ ।" ( ଏବ୍ରୀ ୧୧ : ୬ ) ପରିତ୍ରାଣ ଦାୟକ ବିଶ୍ୱାସ ଆମ୍ଭମାନଙ୍କ ସମ୍ପୂର୍ଣ୍ଣ ସମର୍ପିତ ଜୀବନ ଯାପନରେ ସାହାଯ୍ୟ କରେ । "ଆଉ ସେ ସମସ୍ତଙ୍କ ନିମନ୍ତେ ମୃତ୍ୟୁଭୋଗ କଲେ । ଯେପରି ଯେଉଁମାନେ ଜୀବିତ, ସେମାନେ ଆଉ ଆପଣା ଆପଣା ନିମନ୍ତେ ଜୀବନ ଯାପନ ନ କରି, ବରଂ ଯେ,

ସେମାନଙ୍କ ନିମନ୍ତେ ଉତ୍ଥିତ ହେଲେ, ତାହାଙ୍କ ନିମନ୍ତେ ଜୀବନ ଯାପନ କରନ୍ତୁ ।” (୨ୟ କରିନ୍ଥୀ ୬ : ୧୫)

ସମର୍ପିତ ଜୀବନର ଅର୍ଥ ଆପଣା ଆପଣାକୁ ନମ୍ର କରି ଆପଣା ଆପଣା କ୍ରୁଶ ବହନ କରିବା । “ସେତେବେଳେ ଯୀଶୁ ଆପଣା ଶିଷ୍ୟମାନଙ୍କୁ କହିଲେ ଯେ କେହି ମୋହର ଅନୁଗାମୀ ହେବାକୁ ଇଚ୍ଛା କରେ ତେବେ ସେ ଆପଣାକୁ ଅସ୍ୱୀକାର କରୁ, ପୁଣି ଆପଣା କ୍ରୁଶ ବହିନ ମୋହର ଅନୁଗମନ କରୁ ।” ( ମାଥିଉ ୧୬ : ୨୪ )

ସମର୍ପିତ ଜୀବନର ଅର୍ଥ ତାହାଙ୍କ ରାଜ୍ୟ ଓ ନୀତିକୁ ଆପଣା ଜୀବନରେ ପ୍ରଥମ ସ୍ଥାନ ଦେବା । “କିନ୍ତୁ ତୁମ୍ଭେମାନେ ପ୍ରଥମରେ ତାହାଙ୍କ ରାଜ୍ୟ ଓ ଧାର୍ମିକତା ଅନ୍ୱେଷଣ କର । ଆଉ ଏସବୁ ସମସ୍ତ ବିଷୟ ମଧ୍ୟ ତୁମ୍ଭମାନଙ୍କୁ ଦିଆଯିବ ।” ( ମାଥିଉ ୬ : ୩୩ )

ସମର୍ପିତ ଜୀବନର ଅର୍ଥ ଆପଣା ଆପଣା ଶରୀରକୁ ସଜୀବ ବଳି ରୂପେ ତାହାଙ୍କୁ ଉତ୍ସର୍ଗ କରିବା । “ଅତଏବ, ହେ ଭାଇମାନେ, ତୁମ୍ଭମାନଙ୍କୁ ଈଶ୍ୱରଙ୍କ ଦୟା ହେତୁ ବିନତି କରୁଅଛି, ତୁମ୍ଭେମାନେ ଆପଣା ଆପଣା ଶରୀରକୁ ସଜୀବ, ପବିତ୍ର ଓ ଈଶ୍ୱରଙ୍କ ସୁଗ୍ରାହ୍ୟ ବଳି ରୂପେ ଉତ୍ସର୍ଗ କର । ଏହା ତ ତୁମ୍ଭମାନଙ୍କର ଯୁକ୍ତିଯୁକ୍ତ ଉପାସନା । ତୁମ୍ଭେମାନେ ଏହି ବର୍ତ୍ତମାନ ଯୁଗର ଅନୁରୂପୀ ହୁଅନାହିଁ । କିନ୍ତୁ ଯେପରି ତୁମ୍ଭେମାନେ ଈଶ୍ୱରଙ୍କ ଇଚ୍ଛା କଅଣ ଅର୍ଥାତ୍ ଉତ୍ତମ, ସୁଗ୍ରାହ୍ୟ ଓ ସିଦ୍ଧ ବିଷୟ କଅଣ, ଏହା ପରୀକ୍ଷା କରି ଜାଣିପାର, ଏଥି ନିମନ୍ତେ ଆପଣା ଆପଣା ମନର ନୂତନୀକରଣ ଦ୍ୱାରା ପରିବର୍ତ୍ତିତ ହୁଅ ।” ( ରୋମୀୟ ୧୨ : ୧-୨ )

ସମର୍ପିତ ଜୀବନର ଅର୍ଥ ତାହାଙ୍କ ଆଜ୍ଞା ପାଳନ କରିବା । “ହେ ପିତା, ଯଦି ତୁମ୍ଭର ଇଚ୍ଛା ଥାଏ, ତେବେ ଏହି ପାନପାତ୍ର ମୋ ଠାରୁ ଦୂରକର । ତଥାପି ମୋହର ଇଚ୍ଛା ନୁହେଁ, ମାତ୍ର ତୁମ୍ଭର ଇଚ୍ଛା ସଫଳ ହେଉ ।” ( ମାର୍କ ୧୬ : ୧୫, ୧୬ )

ସମର୍ପିତ ଜୀବନର ଅର୍ଥ ନୂତନ ଭାବେ ଜୀବନ ଯାପନ କରିବା । "ଆମ୍ଭେମାନେ ଯେତେ ଲୋକ ଖ୍ରୀଷ୍ଟ ଯୀଶୁଙ୍କ ଠାରେ ବାପ୍ତିଜିତ ହୋଇଅଛୁ, ସମସ୍ତେ ଯେ ତାହାଙ୍କ ମରଣରେ ବାପ୍ତିଜିତ ହୋଇଅଛୁ, ଏହାକି ତୁମ୍ଭେମାନେ ଜାଣନାହିଁ ? ଅତଏବ ଆମ୍ଭେମାନେ ବାପ୍ତିସ୍ମ ଦ୍ୱାରା ମରଣରେ ତାହାଙ୍କ ସହିତ ସମାଧି ପ୍ରାପ୍ତ ହୋଇଅଛୁ । ଯେପରି ଖ୍ରୀଷ୍ଟ ପିତାଙ୍କ ଗୌରବ ଦ୍ୱାରା ମୃତମାନଙ୍କ ମଧ୍ୟରୁ ସେହିଁ ପ୍ରକାରେ ଉତ୍ଥାପିତ ହେଲେ, ଆମ୍ଭେମାନେ ମଧ୍ୟ ସେହି ପ୍ରକାରେ ଜୀବନର ନୂତନ ଭାବରେ ଆଚରଣ କରୁ ।"

( ରୋମୀୟ ୬ : ୩-୪ )

ସମର୍ପିତ ଜୀବନର ଅର୍ଥ ତାହାଙ୍କ ସର୍ବାଧିକାର ତଳେ ଆପଣାକୁ ନତ କରିବା । " ତୁମ୍ଭମାନଙ୍କ ଶରୀର ଯେ ଈଶ୍ୱରଙ୍କ ଠାରୁ ପ୍ରାପ୍ତ ତୁମ୍ଭମାନଙ୍କର ଅନ୍ତର୍ବାସୀ ପବିତ୍ର ଆତ୍ମାଙ୍କ ମନ୍ଦିର, ଏହା କଅଣ ଜାଣ ନାହିଁ ? ଆଉ, ତୁମ୍ଭେମାନେ ନିଜେ ନିଜର ନୁହଁ, କାରଣ ତୁମ୍ଭେମାନେ ବିଶେଷ ମୂଲ୍ୟରେ କିଣା ଯାଇଅଛ । ଏଣୁ ତୁମ୍ଭମାନଙ୍କର ଶରୀରରେ ଈଶ୍ୱରଙ୍କ ଗୌରବ ପ୍ରକାଶ କର ।"

( ୧ମ କରନ୍ଥୀ ୬ . ୧୯-୨୦ )

ସମର୍ପିତ ଜୀବନର ଅର୍ଥ ଶାରୀରିକ ଭାବେ ଜୀବନ ଯାପନ ନ କରି ଆତ୍ମିକ ଜୀବନ ଯାପନ କରିବା । " ହେ ଭାଇମାନେ, ତୁମ୍ଭେମାନେ ଋଣୀ, କିନ୍ତୁ ଶାରୀରିକ ଭାବାନୁସାରେ ଜୀବନ ଯାପନ କରିବାକୁ ଶରୀର ନିକଟରେ ନୁହେଁ । କାରଣ ଯଦି ଶାରୀରିକ ଭାବାନୁସାରେ ତୁମ୍ଭେମାନେ ଜୀବନ ଯାପନ କର, ତେବେ ଅବଶ୍ୟ ମରିବ, କିନ୍ତୁ ଯଦି ଆତ୍ମାଙ୍କ ଦ୍ୱାରା ତୁମ୍ଭେମାନେ ଶରୀରର କର୍ମ ସବୁକୁ ବିନାଶ କର ତେବେ ଜୀବିତ ହେବ ।" ( ୧ମ କରନ୍ଥୀ ୮ : ୧୯, ୨୦ )

ସମର୍ପିତ ଜୀବନର ଅର୍ଥ ଅନ୍ୟମାନଙ୍କ ସେବା କରିବା । "ତୁମ୍ଭମାନଙ୍କ ମଧ୍ୟରେ ସେ ପ୍ରକାର ନୁହେଁ । କିନ୍ତୁ ତୁମ୍ଭମାନଙ୍କ ମଧ୍ୟରେ ଯେ କେହି ମହାନ ହେବାକୁ ଇଚ୍ଛା କରେ ତୁମ୍ଭମାନଙ୍କର

ହେଉ । ଆଉ ଯେ କେହି ପ୍ରଧାନ ହେବାକୁ ଇଚ୍ଛା କରେ, ସେ ତୁମ୍ଭ-ମାନଙ୍କର ଦାସ ହେଉ । ଯେପରି ମନୁଷ୍ୟପୁତ୍ର ମଧ୍ୟ ସେବା ପାଇବାକୁ ଆସି ନାହାନ୍ତି, ମାତ୍ର ସେବା କରିବାକୁ ଓ ଅନେକଙ୍କ ନିମନ୍ତେ ମୁକ୍ତିର ମୂଲ୍ୟ ସ୍ୱରୂପେ ପ୍ରାଣ ଦେବାକୁ ଆସି ଅଛନ୍ତି ।

ସମର୍ପିତ ଜୀବନର ଅର୍ଥ ନିର୍ମଳ ଧର୍ମ ପରାୟଣତା ଅବଲମ୍ବନ କରିବା । "ଅନାଥ ଓ ବିଧବାମାନଙ୍କୁ ସେମାନଙ୍କ ଦୁଃଖ ଅବସ୍ଥାରେ ସନ୍ଦର୍ଶନ କରିବା, ପୁଣି ସଂସାରରୁ ଆପଣାକୁ ନିଷ୍କଳଙ୍କ ରୂପେ ରକ୍ଷା କରିବା । ଏହା ଆମ୍ଭମାନଙ୍କ ଈଶ୍ୱର ଓ ପିତାଙ୍କ ସମ୍ମୁଖରେ ବିଶୁଦ୍ଧ ଓ ନିର୍ମଳ ଧର୍ମପରାୟଣତା ଅଟେ ।" (ଯାକୁବ ୧ : ୨୭ )

ସମର୍ପିତ ଜୀବନର ଅର୍ଥ ଅନ୍ୟମାନଙ୍କର ମଙ୍ଗଳ କରିବା । "ଅତଏବ ସୁଯୋଗ ଅନୁସାରେ ସମସ୍ତଙ୍କର ବିଶେଷତଃ ଏକ ପରି-ବାରଭୁକ୍ତ ବିଶ୍ୱାସୀମାନଙ୍କର ମଙ୍ଗଳ କରୁ ।" ( ଗାଲାତୀ ୬ : ୧୦ )

ସମର୍ପିତ ଜୀବନର ଅର୍ଥ ଉତ୍ତମ କାର୍ଯ୍ୟ କରିବା । " କିପରି ଈଶ୍ୱର ତାହାଙ୍କୁ ପବିତ୍ର ଆତ୍ମା ଓ ଶକ୍ତିରେ ଅଭିଷିକ୍ତ କଲେ ଓ ସେ ଶୟ-ତାନ କର୍ତ୍ତୃକ ପ୍ରପୀଡ଼ିତ ସମସ୍ତ ଲୋକଙ୍କୁ ସୁସ୍ଥ କରୁ କରୁ ସର୍ବତ୍ର ଭ୍ରମଣ କଲେ, କାରଣ ଈଶ୍ୱର ତାହାଙ୍କ ସହବର୍ତ୍ତୀ ଥିଲେ ।"

( ପ୍ରେରିତ ୧୦ : ୩୮ )

ସମର୍ପିତ ଜୀବନର ଅନ୍ୟ ଏକ ଅର୍ଥ ପାପୀ ମନୁଷ୍ୟମାନଙ୍କ ପରି-ତ୍ରାଣ ନିମନ୍ତେ ମନଯୋଗୀ ହେବା । "କାରଣ ଯାହା ହଜିଅଛି, ତାହା ଖୋଜି ରକ୍ଷା କରିବାକୁ ମନୁଷ୍ୟ ପୁତ୍ର ଆସି ଅଛନ୍ତି ।"

( ଲୂକ ୧୯ : ୧୦ )

ସମର୍ପିତ ଜୀବନର ଅର୍ଥ ପ୍ରଭୁ ଯୀଶୁଙ୍କ ବିଷୟରେ ଶିକ୍ଷା ଦେବା । ଆଦିମ ଖ୍ରୀଷ୍ଟିୟାନ ମାନେ ଏହି କାର୍ଯ୍ୟରେ ସର୍ବଦା ନିବିଷ୍ଟ ଥିଲେ । "ଆଉ ସେମାନେ ପ୍ରତିଦିନ ମନ୍ଦିରରେ ଓ ଘରେ ଘରେ ଶିକ୍ଷା

ଦେବାରୁ ଓ ଯୀଶୁ ଯେ ଖ୍ରୀଷ୍ଟ ଏହି ସୁସମାଚାର ପ୍ରଚାର କରିବାରୁ କ୍ଷାନ୍ତ ହେଲେ ନାହିଁ ।" ( ପ୍ରେରିତ ୫ : ୪୨ )

ସମର୍ପିତ ଜୀବନର ଅର୍ଥ ସବୁ ଅବସ୍ଥାରେ ସବୁ ସମୟରେ ଯୀଶୁଖ୍ରୀଷ୍ଟଙ୍କ ନିମନ୍ତେ ଅଟଳ ରହିବା । ପାପ ପରିତ୍ୟାଗ କରି ସୁସମାଚାରର ଆଜ୍ଞାବହ ହୋଇ ଧାର୍ମିକ ଜୀବନ ଯାପନ କର । ଇହକାଳରେ ଓ ପରକାଳରେ ପିତା ପରମେଶ୍ୱର ପ୍ରଚୁର ଭାବେ ଆପଣଙ୍କୁ ଆଶୀର୍ବାଦ କରିବେ ।

**Charles Box**

❋

## ପରମେଶ୍ୱରଙ୍କ ବିବାହ ଯୋଜନା
## ( God's Plan For Marriage )

ସୃଷ୍ଟି କର୍ତ୍ତା ଯୋଜିତ ଏବଂ ବିବାହର ଯୋଜନା ମନୁଷ୍ୟ ଜାତି ଯେତେ ପୁରୁଣା ସେତେ ପୁରୁଣା ଅଟେ । ପୁରୁଷ ଓ ସ୍ତ୍ରୀ ବିବାହ ଦ୍ୱାରା ସଂଯୁକ୍ତ ହେବା ପରମେଶ୍ୱରଙ୍କ ସଂକଳ୍ପ ଅଟେ । ଏଥିରେ ବହୁ-ପତ୍ନୀ ଗ୍ରହଣ ବା ଛାଡ଼ପତ୍ରର ସ୍ଥାନ ନାହିଁ । ( ଆଦି ୧:୨୭-୨୮; ୨:୧୮-୨୫, ରୋମୀୟ ୭:୧ ୩; ୧ମ କରିନ୍ଥୀ ୭:୩୯ )

ପରମେଶ୍ୱରଙ୍କ ଯୋଜନାରୁ ବିମୁଖ ହେବାକୁ ମନୁଷ୍ୟକୁ ବେଶି ସମୟ ଲାଗିନଥିଲା । ଆଦି ୪:୧୯ ପଦରେ ଲେମକ ଦୁଇ ସ୍ତ୍ରୀଙ୍କୁ ବିବାହ କରିବା ପଢ଼ି ଥାଉଁ । ଇସ୍ରାଏଲ ଜାତିର ହୃଦୟ କୋଠ-ନିତା ଯୋଗୁଁ କେତୋଟି ପରିସ୍ଥିତିରେ ଛାଡ଼ପତ୍ର ଦେବା ନିମନ୍ତେ ସର୍ବାଂଭୁ ପରମେଶ୍ୱର ମୋଶାଙ୍କ ବ୍ୟବସ୍ଥାରେ ଅନୁମତି ଦେଇ-ଥିଲେ । ତଥାପି ସେ ଛାଡ଼ପତ୍ରରେ ସନ୍ତୁଷ୍ଟ ନୁହନ୍ତି । ଯେହେତୁ ଲେଖାଯାଏ, " ... ... ଆମ୍ଭେ ସ୍ତ୍ରୀ ତ୍ୟାଗ ଘୃଣା କରୁ ... ..." ( ମଲାଖି ୨:୧୪-୧୬ )

ତ୍ରାଣକର୍ତ୍ତା ପ୍ରଭୁ ଯୀଶୁଙ୍କ ଦ୍ୱାରା ଜଗତରେ ଅନେକ ପୁରାତନ ନିୟମାବଳୀ ପରିବର୍ତ୍ତି ହେଲେ ସୁଦ୍ଧା ବିବାହର ଯୋଜନା ଅପରିବର୍ତ୍ତିତ ରହିଲା । ( ମାଥିଉ ୧୯:୩-୧୬ ) "... ... ଈଶ୍ୱର ଯାହା ସଂଯୁକ୍ତ କରିଅଛନ୍ତି, ମନୁଷ୍ୟ ତାହା ବିଭିନ୍ନ ନ କରୁ ।" ଏବେ ସୁଦ୍ଧା ଆମ୍ଭେମାନେ ଏହି ନିୟମାବଦ୍ଧ ଅଛୁଁ ।

ବ୍ୟଭିଚାର ଦୋଷ ବିନା ଅନ୍ୟ କୌଣସି କାରଣରୁ ପ୍ରଭୁ ଯୀଶୁ ଖ୍ରୀଷ୍ଟ ଛାଡ଼ପତ୍ର ନିମନ୍ତେ ଅନୁମତି ଦେଇ ନାହାନ୍ତି । ବ୍ୟଭିଚାର ଦୋଷରେ ଦୋଷୀ ହେବା ସଙ୍ଗୀକୁ ଛାଡ଼ପତ୍ର ବା ପୁନଃ ବିବାହ ନିମନ୍ତେ ଅଧିକାର ଦିଆଯାଏ ନାହିଁ । କିନ୍ତୁ ନିର୍ଦ୍ଦୋଷୀ ସଙ୍ଗୀ ଛାଡ଼ପତ୍ର ଗ୍ରହଣ କଲେ ପୁନଃ ବିବାହ କରିପାରେ । ଏହି ନିୟମ ବ୍ୟତୀତ ଅନ୍ୟ କୌଣସି କାରଣବଶତଃ ଛାଡ଼ପତ୍ର ଦେବା ଦ୍ୱାରା ମନୁଷ୍ୟ ମାନେ ବ୍ୟଭିଚାର ଦୋଷରେ ଦୋଷୀ ହୁଅନ୍ତି । "... ... ଯେ କେହି ଆପଣା ସ୍ତ୍ରୀ କୁ ବ୍ୟଭିଚାର ଦୋଷ ବିନା ଅନ୍ୟ କାରଣରୁ ପରିତ୍ୟାଗ କରି ଅନ୍ୟକୁ ବିବାହ କରେ, ସେ ବ୍ୟଭିଚାର କରେ ।" ( ମାଥିଉ ୧୯:୯, ୫:୩୧,୩୨ ) । ବ୍ୟଭିଚାରୀ ମାନେ ସ୍ୱର୍ଗର ଅଧିକାରୀ ହୋଇ ପାରିବେ ନାହିଁ । ବରଂ ସେମାନେ ନରକରେ ନିକ୍ଷିପ୍ତ ହେବେ । ( ୧ମ କରିନ୍ଥୀ ୬:୯,୧୦; ଏବ୍ରୀ ୧୩:୪, ପ୍ରକାଶିତ ୨୧:୮ ) । ପରିତ୍ରାଣ ପାଇବାକୁ ଇଚ୍ଛୁକ ପ୍ରତ୍ୟେକ ବ୍ୟଭିଚାରୀ ଆପଣା କୁକର୍ମରୁ ମନ ପରିବର୍ତ୍ତନ କରି ପରମେଶ୍ୱରଙ୍କ ନିକଟରେ ପାପକ୍ଷମା କରିବା ଆବଶ୍ୟକ ।

ପରିବାର ସମାଜର ମୂଳଭିତ୍ତି । ସାହଚର୍ଯ୍ୟ, ଶାରୀରିକ ଅଭିଳାଷର ପୂରଣ ଓ ସନ୍ତାନସନ୍ତତି ଲାଳନ ପାଳନ ବିବାହର ମୁଖ୍ୟ ଉଦ୍ଦେଶ୍ୟ । ସୁଦୃଢ଼ ପାରିବାରିକ ଜୀବନହିଁ ସମାଜ, ମଣ୍ଡଳୀ ଓ ଦେଶର ମେରୁଦଣ୍ଡ । ଅନେକ ଦୁଷ୍ଟ ଶକ୍ତି ଆମ୍ଭମାନଙ୍କ ପାରିବାରିକ ଜୀବନ ବିନଷ୍ଟ କରିବାରେ ନିବୃତ୍ତ । ସହଜ ଛାଡ଼ପତ୍ରର ନିୟମ, ବ୍ୟଭିଚାର, ସ୍ତ୍ରୀ-ଅତ୍ୟାଗର ପ୍ରଭୃତି ଆଜିର ପାରିବାରିକ ଜୀବନରେ ବିଶୃଙ୍ଖଳା ସୃଷ୍ଟି କରନ୍ତି । ଏଥିର ମୂଳ କାରଣ, ପରମେଶ୍ୱରଙ୍କ ବାକ୍ୟର ଅଜ୍ଞାନତା ।

ଈଶ୍ୱରଙ୍କ ସନ୍ତାନମାନଙ୍କୁ ତାହାଙ୍କ ନିୟମରେ ସୀମାବଦ୍ଧ ହୋଇ ରହିବା ଆବଶ୍ୟକ । ଆମ୍ଭମାନଙ୍କ ଅଭିଳାଷ ପୂରଣ କରିବା ନିମନ୍ତେ ଆମ୍ଭେମାନେ ଈଶ୍ୱରଙ୍କ ବାକ୍ୟ ପରିବର୍ତ୍ତନ କରି ନପାରୁ । ଯେକୌଣସି କାରଣବଶତଃ ଭ୍ରଷ୍ଟପନ୍ଥ ଗ୍ରହଣ କରିବା ଜଗତରେ, ଈଶ୍ୱରଙ୍କ ସନ୍ତାନମାନେ ଅନ୍ଧକାରରେ ଆଲୋକ ସ୍ତମ୍ଭସ୍ୱରୂପ ଠିଆ ହେବା ଆବଶ୍ୟକ । (ଫିଲିପି - ୨ : ୧୩,୧୪) । "ତୁମ୍ଭେମାନେ ଏହି ଏହି ବର୍ତ୍ତମାନ ଯୁଗର ଅନୁରୂପୀ ହୁଅନାହିଁ । କିନ୍ତୁ ଯେପରି ତୁମ୍ଭେମାନେ ଈଶ୍ୱରଙ୍କ ଇଚ୍ଛା କଅଣ ଅର୍ଥାତ୍ ଉତ୍ତମ, ସୁଗ୍ରାହ୍ୟ ଓ ସିଦ୍ଧ ବିଷୟ କଅଣ, ଏହା ପରୀକ୍ଷା କରି ଜାଣିପାର ଏଥି ନିମନ୍ତେ ଆପଣା ଆପଣା ମନର ନୂତନୀକରଣ ଦ୍ୱାରା ପରିବର୍ତ୍ତିତ ହୁଅ ।" (ରୋମୀୟ - ୨ : ୧୨) । ଆସ, ଆମ୍ଭେମାନେ ତାହାଙ୍କ ବାକ୍ୟର ଆଜ୍ଞାକାରୀ ହୋଇ, ଆଜ୍ଞାବହ ହେବା ନିମନ୍ତେ ଆପଣା ୨ ସନ୍ତାନସନ୍ତତିଙ୍କୁ ଶିକ୍ଷା ଦେଉଁ ।

"ବିବାହ ସମସ୍ତଙ୍କ ମଧ୍ୟରେ ଆଦରଣୀୟ ହେଉ ଓ ତାହାର ଶଯ୍ୟା ଶୁଚିଥାଉ, କାରଣ ଈଶ୍ୱର ପାରିଦାରିକ ଓ ବ୍ୟଭିଚାରୀମାନଙ୍କ ବିଚାର କରିବେ ।" (ଏବ୍ରୀ - ୧୩ : ୪) । ପରମେଶ୍ୱରଙ୍କ ଏହି ସତ୍ୟ ଚିରନ୍ତନ ନିୟମ ପରିତ୍ୟାଗ ନ କରି ତାହାଙ୍କ ଆଶୀଷସକଳ ଓ ପାରିବାରିକ ସୁଖସକଳର ସହଭୋଗୀ ହେଉଁ ।

—Rod Ruther Ford

- ୦ -

## ପରିତ୍ରାଣର ଯୋଜନାରେ ଯିହୁଦୀ ଓ ବିଜାତିମାନଙ୍କ ସ୍ଥାନ
## ( Jews and Gentiles in God's Plan )

ପରମେଶ୍ୱରଙ୍କ ଯୋଜନାରେ 'ଇଶ୍ରାଏଲ' କିଅବା "ଯିହୁଦୀମାନଙ୍କର ଏକ ମୁଖ୍ୟପାତ୍ର ରହିଅଛି । ସେମାନେ ପରମେଶ୍ୱରଙ୍କ ମନୋନୀତ ଜାତି ଓ ପବିତ୍ର ଗୋଷ୍ଠୀ ରୂପେ ପରିଗଣିତ ହୋଇ ଅଛନ୍ତି । ସେମାନଙ୍କ ବ୍ୟତୀତ ଅନ୍ୟ ଜାତି ଓ ଅନ୍ୟ ଗୋଷ୍ଠୀମାନେ "ବିଜାତୀୟ" ରୂପେ ପରିଚିତ । ଯଦିଓ ଇଶ୍ରାଏଲ ଗୋଷ୍ଠୀ ପର-

ପରମେଶ୍ୱରଙ୍କ ମନୋନୀତ ଥିଲେ ତଥାପି, ସମସ୍ତ ଜାତି ଓ ସମସ୍ତ ଗୋଷ୍ଠୀ ଆଶୀଷ ପ୍ରାପ୍ତ ହେବେ ବୋଲି ଭବିଷ୍ୟବାଣୀ ଦ୍ୱାରା ପ୍ରକାଶ କରାଯାଇ ଥିବା ବିଷୟ ଆମ୍ଭେମାନେ ବାକ୍ୟରେ ପଢ଼ିପାରୁ ଥାଉଁ ।

ପ୍ରାୟ ଚାରି ହଜାର ବର୍ଷ ପୂର୍ବେ ଅବ୍ରାହାମ ପରମେଶ୍ୱରଙ୍କ ଠାରୁ ଏକ ପ୍ରତିଜ୍ଞା ପ୍ରାପ୍ତ ହୋଇଥିଲେ, ଯାହା କହେ, "ଏଉତ୍ତାରୁ ସଦାପ୍ରଭୁ ଅବ୍ରାହାମଙ୍କୁ କହିଲେ, ତୁମ୍ଭେ ଆପଣା ଦେଶ ଓ ଜ୍ଞାତିକୁଟୁମ୍ବ ଓ ପିତୃଗୃହ ପରିତ୍ୟାଗ କରି, ଆମ୍ଭେ ଯେଉଁ ଦେଶ ତୁମ୍ଭଙ୍କୁ ଦେଖାଇବା, ସେହି ଦେଶକୁ ଯାଅ । ଆମ୍ଭେ ତୁମ୍ଭଠାରୁ ଏକ ମହା-ଗୋଷ୍ଠୀ ଉତ୍ପନ୍ନ କରିବା ପୁଣି ଆମ୍ଭେ ତୁମ୍ଭଙ୍କୁ ଆଶୀର୍ବାଦ କରି ତୁମ୍ଭର ନାମ ମହତ କରିବା, ତୁମ୍ଭେ ଆଶୀର୍ବାଦର ଆକର ହେବ । ଯେଉଁମାନେ ତୁମ୍ଭକୁ ଆଶୀର୍ବାଦ କରନ୍ତି, ଆମ୍ଭେ ସେମାନଙ୍କୁ ଆଶୀର୍ବାଦ କରିବା ପୁଣି ଯେ କେହି ତୁମ୍ଭଙ୍କୁ ଅଭିଶାପ ଦିଅଇ, ଆମ୍ଭେ ତାହାକୁ ଅଭିଶାପ ଦେବା, ଆଉ ତୁମ୍ଭଠାରୁ ସବୁ ବଂଶ ଆଶୀର୍ବାଦ ପ୍ରାପ୍ତ ହେବେ । ସମସ୍ତ ଜାତି ତୁମ୍ଭର ବଂଶ ଦ୍ୱାରା ଆଶୀର୍ବାଦ ପ୍ରାପ୍ତ ହେବ । ଯେହେତୁ ତୁମ୍ଭେ ଆମ୍ଭର ବାକ୍ୟ ପାଳନ କରିଅଛ ।" (ଆଦି - ୨୨ : ୧୮) ।

ଅବ୍ରାହାମଙ୍କ ପୁତ୍ର ଇସ୍ହାକ ମଧ୍ୟ ସେହି ପ୍ରତିଜ୍ଞା ପ୍ରାପ୍ତ ହୋଇଥିଲେ । "ଆମ୍ଭେ ଆକାଶର ତାରାଗଣ ତୁଲ୍ୟ ତୁମ୍ଭର ବଂଶବୃଦ୍ଧି କରି ସେମାନଙ୍କୁ ଏହି ସବୁ ଦେଶ ଦେବା ଓ ତୁମ୍ଭର ବଂଶ ଦ୍ୱାରା ପୃଥିବୀସ୍ଥ ଯାବତୀୟ ଜାତି ଆଶୀର୍ବାଦ ପ୍ରାପ୍ତ ହେବେ ।" (ଆଦି ୨୬:୪)

ପ୍ରାୟ ତିନି ହଜାର ବର୍ଷ ପୂର୍ବେ ଦାଉଦ ମହାରାଜା ଭବିଷ୍ୟ-ବାଣୀ ଦ୍ୱାରା କହିଥିଲେ, "ପୃଥିବୀର ପ୍ରାନ୍ତସ୍ଥିତ ସମସ୍ତ ସଦାପ୍ରଭୁଙ୍କୁ ସ୍ମରଣ କରି ତାହାଙ୍କ ପ୍ରତି ଫେରିବେ, ଆଉ ଅନ୍ୟ ଦେଶୀୟ ଗୋଷ୍ଠୀ ସକଳ ତୁମ୍ଭ ସମ୍ମୁଖରେ ପ୍ରଣାମ କରିବେ ।" (ଗୀତ ୨୨ : ୨୭) । "ହେ ପ୍ରଭୋ, ତୁମ୍ଭର ସୃଷ୍ଟି ସକଳ ଦେଶୀୟ ଲୋକ ଆସି ତୁମ୍ଭ ସମ୍ମୁଖରେ ପ୍ରଣାମ କରିବେ ଓ ସେମାନେ ତୁମ୍ଭ ନାମର ଗୌରବ କରିବେ ।" (ଗୀତ - ୮୬ : ୯) । "ହେ ସର୍ବଦେଶୀୟମାନେ, ତୁମ୍ଭେମାନେ ସଦାପ୍ରଭୁଙ୍କର ପ୍ରଶଂସା କର, ହେ ସମସ୍ତ ଲୋକ, ତାହାଙ୍କର ସ୍ତୁତି କର । କାରଣ ଆମ୍ଭମାନଙ୍କ ପ୍ରତି ତାହାଙ୍କ ଦୟା ଅତିଶୟ ଓ ସଦା

ପ୍ରଭୁଙ୍କ ସତ୍ୟତା । ଅନନ୍ତକାଳ ସ୍ଥାୟୀ, ତୁମ୍ଭେମାନେ ସଦାପ୍ରଭୁଙ୍କର ପ୍ରଶଂସା କର ।" (ଗୀତ ୧୧୭ : ୧-୨) ।

ପ୍ରାୟ ୨୭୦୦ ବର୍ଷ ପୂର୍ବେ ଯିଶାଇୟ ଭବିଷ୍ୟଦ୍ବକ୍ତା ପ୍ରକାଶ କରି କହିଲେ, "ଶେଷ କାଳରେ ଏପରି ଘଟିବ, ସଦାପ୍ରଭୁଙ୍କ ଗୃହର ପର୍ବତ, ପର୍ବତଗଣର ଶିଖର ଉପରେ ସ୍ଥାପିତ ହେବ ଓ ଉପପର୍ବତଗଣଠାରୁ ଅପେକ୍ଷା ଉଚ୍ଚୀକୃତ ହେବ । ଆଉ ସମୁଦାୟ ଗୋଷ୍ଠୀ ସ୍ରୋତ ପରି ତହିଁ ମଧ୍ୟକୁ ବହି ଆସିବେ ।" (ଯିଶାଇୟ – ୨ : ୨) । ଆଉ ସେହିଦିନରେ ଗୋଷ୍ଠୀଗଣର ଧ୍ୱଜା ରୂପେ ସ୍ଥାପିତ ଯେ ଯିଶୀର ମୂଳ ନାନା ଦେଶୀୟମାନେ ତାହାଙ୍କର ଅନ୍ୱେଷଣ କରିବେ, ଆଉ ତାହାଙ୍କର ବିଶ୍ରାମସ୍ଥାନ ଗୌରବାନ୍ୱିତ ହେବ । (ଯିଶାଇୟ–୧୧ : ୧୦) । ଯାହାଙ୍କୁ ଆମ୍ଭେ ଧାରଣ କରୁ । ଏପରି ଆମ୍ଭ ଦାସଙ୍କୁ, ଯାହାଙ୍କଠାରେ ଆମ୍ଭର ଚିତ୍ତ ସନ୍ତୁଷ୍ଟ, ଏପରି ଅମ୍ଭର ମନୋନୀତ ଲୋକଙ୍କୁ ଦେଖ, ଆମ୍ଭେ ତାହାଙ୍କ ଉପରେ ଆପଣା ଆତ୍ମା ସ୍ଥାପନ କରିଅଛୁ । ସେ ଅନ୍ୟ ଦେଶୀୟମାନଙ୍କ ମଧ୍ୟକୁ ନ୍ୟାୟ ବିଚାର ଆଣିବେ । (ଯିଶାଇୟ ୪୨:୧) "ଆମ୍ଭେ ସଦାପ୍ରଭୁ ଧର୍ମରେ ତୁମ୍ଭକୁ ଆହ୍ୱାନ କରିଅଛୁ ଓ ତୁମ୍ଭର ହସ୍ତଧରି ତୁମ୍ଭକୁ ରକ୍ଷା କରିବୁ, ଆଉ ଅନ୍ଧମାନଙ୍କର ଚକ୍ଷୁ ପ୍ରସନ୍ନ କରିବା ପାଇଁ ବନ୍ଦୀମାନଙ୍କୁ କାରାକୂପରୁ ଓ ଅନ୍ଧକାରରେ ବସିଥିବା ଲୋକମାନଙ୍କୁ ବନ୍ଦୀଶାଳାରୁ ବାହାର କରି ଆଣିବା ପାଇଁ ।" (ଯିଶାଇୟ – ୪୨ : ୬-୭) । " ତୁମ୍ଭେ ପୃଥିବୀର ସୀମା ପର୍ଯ୍ୟନ୍ତ ଯେପରି ଆମ୍ଭର ପରିତ୍ରାଣ ସ୍ୱରୂପ ହେବ, ଏଥିପାଇଁ ଆମ୍ଭେ ତୁମ୍ଭଙ୍କୁ ଅନ୍ୟ ଦେଶୀୟମାନଙ୍କର ଦୀପ୍ତି ସ୍ୱରୂପ ନିଯୁକ୍ତ କରିବା ।" (ଯିଶାଇୟ ୪୯ : ୬)

ପ୍ରାୟ ୨,୬୦୦ ବର୍ଷ ପୂର୍ବେ ଦାନିୟେଲ ଭବିଷ୍ୟଦ୍ବକ୍ତା ଭବିଷ୍ୟଦ୍ବାଣୀ କହିଥିଲେ । "ମୁଁ ରାତ୍ରି କାଳରେ ଦର୍ଶନରେ ଦେଖିଲି, ଆଉ ଦେଖ ମନୁଷ୍ୟପୁତ୍ର ନ୍ୟାୟ ଏକ ପୁରୁଷ ଆକାଶର ମେଘରେ ଆସିଲେ ଓ ସେ ଅନେକ କାଳର ସେହି ବୃଦ୍ଧଙ୍କ ନିକଟରେ ଉପସ୍ଥିତ ହୁଅନ୍ତେ ସେମାନେ ତାହାଙ୍କ ସମ୍ମୁଖକୁ ତାହାଙ୍କୁ ଆଣିଲେ । ପୁଣି ସମୁଦାୟ ଗୋଷ୍ଠୀ ଦେଶବାସୀ ଓ ଭାଷାବାଦୀମାନେ ଯେପରି ତାହାଙ୍କର ସେବା କରିବେ

ଏଥିପାଇଁ ତାହାଙ୍କ କର୍ତ୍ତୃତ୍ୱ, ମହିମା ଓ ରାଜ୍ୟ ଦତ୍ତ ହେଲା । ତାହାଙ୍କର କର୍ତ୍ତୃତ୍ୱ ଅନନ୍ତକାଳୀନ କର୍ତ୍ତୃତ୍ୱ, ତାହା ଲୁପ୍ତ ହେବ ନାହିଁ, ଆଉ ତାହାଙ୍କର ରାଜ୍ୟ ଅବିନାଶ୍ୟ । ଏଥିରେ ଲୌହ, ମୃତ୍ତିକା, ପିତ୍ତଳ, ରୁପା ଓ ସୁନା ଏକ ସଙ୍ଗରେ ଖଣ୍ଡ ଖଣ୍ଡ ହୋଇ ଭଙ୍ଗାଗଲା, ଆଉ ଗ୍ରୀଷ୍ମକାଳୀନ ଖଳାର ତୁଷ ପରି ହେଲା, ଆଉ ବାୟୁ ସେସବୁକୁ ଉଡ଼ାଇ ନେଇଗଲା ଓ ସେସବୁର ପାଇଁ ଆଉ ସ୍ଥାନ ମିଳିଲା ନାହିଁ । ପୁଣି ସେହି ପ୍ରତିମାକୁ ଆଘାତ କଲା ଯେଉଁ ପ୍ରସ୍ତର, ତାହା ବଢ଼ି ଏକ ମହା ପର୍ବତ ହେଲା, ଆଉ ସମୁଦାୟ ପୃଥିବୀକୁ ପରିପୂର୍ଣ୍ଣ କଲା । ପୁଣି ସେହି ରାଜଗଣର ସମୟରେ ସ୍ୱର୍ଗସ୍ଥ ପିତା ପରମେଶ୍ୱର ଗୋଟିଏ ରାଜ୍ୟ ସ୍ଥାପନ କରିବେ, ତାହା କଦାପି ବିନଷ୍ଟ ହେବନାହିଁ । କିଅବା ତହିଁର ଆଧିପତ୍ୟ ଅନ୍ୟ ଗୋଷ୍ଠୀର ହାତରେ ଛଡ଼ାଯିବ ନାହିଁ, ମାତ୍ର ତାହା ଏହିସବୁ ରାଜ୍ୟକୁ ଖଣ୍ଡ ଖଣ୍ଡ କରି ଓ ନଷ୍ଟ କରି ଆପେ ଚିରସ୍ଥାୟୀ ହେବ ।" ( ଦାନିୟେଲ ୭ : ୧୩-୧୪, ୨ : ୩୫, ୪୪ ).

ବିଜାତିମାନଙ୍କ ନିମନ୍ତେ ପ୍ରତିଜ୍ଞାତ ଆଶୀଷ ସକଳ, ଯୀଶୁଖ୍ରୀଷ୍ଟ ନାମକ ଏକ ଯିହୁଦୀ ଦ୍ୱାରା ସଫଳ ହେଲା । ଆପଣା ମାତା ମରିୟମ ଦ୍ୱାରା ସେ ଯିଶୀ ଓ ଦାଉଦଙ୍କ ବଂଶ ଜାତ । ମୀଖା ! ୫ : ୨ ରେ ପ୍ରକଟିତ ଭବିଷ୍ୟବାଣୀ ପ୍ରକାରେ ସେ ବେଥଲିହିମ ଜାତ । ଯିଶାଇୟ ୫୩ତମ ଅଧ୍ୟାୟରେ ପ୍ରକଟିତ ପ୍ରକାରେ ସେ ମନୁଷ୍ୟମାନଙ୍କ ପାପ ନିମନ୍ତେ ମୃତ୍ୟୁ ଭୋଗିଥିଲେ । ଗୀତ ୧୬ : ୧୦ ପଦ ପ୍ରକାରେ ସେ ମୃତ୍ୟୁକୁ ଜୟୀ ହୋଇ ପୁନଃଜୀବିତ ହେଲେ । ଅନନ୍ତକାଳୀନ ରାଜ୍ୟ ଅର୍ଥାତ୍ ତାହାଙ୍କ ମଣ୍ଡଳୀ ଯିହୁଦୀମାନଙ୍କ ପେଣ୍ଟିକଷ୍ଟ ପର୍ବ ଦିନରେ ୩୩ ମସିହାରେ ସ୍ଥାପନ କରିଥିଲେ । ( ପ୍ରେରିତ ୨ୟ ଅଧ୍ୟାୟ ) । ସେ ପ୍ରତ୍ୟେକ ଯିହୁଦୀ ତଥା ପ୍ରତ୍ୟେକ ମନୁଷ୍ୟକୁ ତାହାଙ୍କ ରାଜ୍ୟର ପ୍ରଜା ହେବା ନିମନ୍ତେ ଆମନ୍ତ୍ରିତ କରନ୍ତି । ଯେଉଁମାନେ ତାହାଙ୍କ ବାକ୍ୟର ଆଜ୍ଞାବହ ହୁଅନ୍ତି ସେମାନେ ସେହି ରାଜ୍ୟର ସଭ୍ୟତା ହାସଲ କରନ୍ତି । ( ରୋମୀୟ ୧ : ୧୬, ୬ : ୩-୪, ପ୍ରେରିତ ୨ : ୩୮ )

—Royce Fredrick

ରାଜେଶ୍ୱରୀ ପ୍ରେସ, ନବରଙ୍ଗପୁର ॥

# EASTER

**INTRODUCTION :**

1. Spring always brings the celebration of Easter.
2. Most of the so-called Christian world will participate in this.
3. However, true Christians will not. But why not ?

## DISCUSSION :

**I. The Observance of Easter.**

1. Easter is celebrated in remembrance of the resurrection of Christ.
2. It is done in the spring of each year.

**II. The History of Easter.**

1. Easter comes from the spring goddess Eastre.
2. Each year there was a celebration in honor of this goddess.
3. The "Christians" also celebrated at this time.
4. Easter was the result.

**III. What the Bible Teaches.**

1. There is no mention of such in the Bible.
2. Therefore it is an unscriptural practice.

**IV. What the Bible Does Say.**

1. It teaches that Christ was crucified, buried, and resurrected. (1 Corinthians 15 : 1-4)
2. It teaches that he came forth on first day of the week. (Matthew 28 : 1).

8. It teaches that we are to remember this. (Matthew 26 : 26-28).
3. But every first day of the week. (Acts 20 : 7).

**V. What the Bible Does not Teach.**

1. It does not say what first Sunday he arose from the grave.
2. It does not teach that we are to have an annual celebration of the resurrection.

VI. **Therefore we Conclude.**

1. Easter is not scriptural.
2. The Lord does not endorse such.
3. Celebrating such days is wrong. (Galatians 4 : 10, 11).
4. We are to remember the Lord fifty two times a year.

**CONCLUSION :**

1. Men love to celebrate.
2. But we must do it the Lord's way.

- J.C. Choate




**From:**

**SATYA VANI**
**P.O. BOX 80,**
**KAKINADA - 533 001**

**Printed Book only.**

**To** 488 Kutaleory Brajrajnagar
Ismael Sika,
AT/po Seva Sadan,
Panchapada - 768 204
Jharsuguda - Dt.

(FOR PRIVATE CIRCULATION ONLY)